## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

**ଦଶମନ୍ତପୁର,୧୪।୧୧ (ଡି.ଏନ୍.ଏ.):** ଦଶମନ୍ତପୁର ବ୍ଲକ ପାଇକଫୁଲବେଡା ପଞ୍ଚାୟତ ଅଧୀନ ଅଲଣାଗୁଡା ଗ୍ରାମର ଜଣେ ବୃଦ୍ଧା ମହିଳା ମହୁମାଛି ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ମୃତା ମହିଳା ହେଲେ ହଷାଇ ପରଜା । ସ୍ୱାମୀ ପୀତାମ୍ବର ପରଜା ଏବଂ ପୁଅ ଡଙ୍ଗରୁ ପରଜା କହିବାନୁସାରେ, ହଷାଇ ମଙ୍ଗଳବାର ଗାଁଠାରୁ ୧କିମି ଦୂର ଇଲାଡେଟିରେ ଥିବା ପରିବା କ୍ଷେତକୁ ଯାଇଥିଲେ। ସେଠାରେ ଥିବା ଏକ ଆମ୍ବଗଛ ମୂଳେ ବିଶ୍ରାମ ନେଇଥିଲେ। ଆମ୍ବଗଛଡାଳରେ ବସାବାନ୍ଧି ଥିବା ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ। ସେ ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କରି ଘରକୁ ଧାଇଁ ଆସିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। କୋରାପୁଟ ସଦର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି । ଜିଲାପାଳ ଦୃଷ୍ଟି ଆକର୍ଷଣ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି । ଏ ସମ୍ପର୍କରେ ଭାରପ୍ରାପ୍ତ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ଯୋଗାଯୋଗ କରିବାରୁ ସେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ମୃତା ମହିଳାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି।

### ବିଜ୍ଞାନମେଳା: ୧୦୦ ପ୍ରକଳ୍ପ ପ୍ରଦର୍ଶିତ



**କୋରାପୁଟ,୧୪।୧୧(ସ୍ୱ.ପ୍ର.):** ଶିଶୁଦିବସ ଅବସରରେ ବୁଧବାର ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ପିଲାଙ୍କ ମଧ୍ୟରେ ଗଳ୍ପ କଥନ, କୌତୁକ ବେଶ, ଗୀତ ପ୍ରତିଯୋଗିତା ସହ କଳା ଓ ବିଜ୍ଞାନ ସହ ଚିତ୍ରକଳା ପ୍ରଦର୍ଶନୀ ମଧ ହୋଇଥିଲା। ଡିଆଇଜି କାର୍ଯ୍ୟାଳୟର ଅଳକାନନ୍ଦ ସାହୁ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ କଳାର ବିଚାରକ ଭାବେ ବିଦ୍ୟାଳୟ ସଭାପତି ଡ. ଅମୂଲ୍ୟ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ଅଶୋକ ପାଢ଼ୀ, ବୃନ୍ଦାବନ ସାହୁ ଏବଂ ଚିତ୍ରକଳାରେ ଅନୁଷ୍ଠାନ ସଂପାଦକ ରାମ ପ୍ରସାଦ ସରାଫ ଓ ଶଙ୍କର ନାୟକ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା। ମେଳାରେ ବିଜ୍ଞାନ ଆଧାରିତ ଶହେଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷା ଅତିସି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୁନାର ଭାରତ ଗଠନ ସ୍ୱପ୍ନ ଦେଖୁଥିଲେ ନେହେରୁ



**ଦାମନଯୋଡ଼ି,୧୪।୧୧ (ଡି.ଏନ୍.ଏ.):** ନାଲ୍‌କୋ କମ୍ୟୁନିଟ୍ ସେଣ୍ଟର ପକ୍ଷରୁ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଏବଂ ଶିଶୁ ଦିବସ ପାଳିତ ହୋଇଛି। ସେକ୍ଟର-୨ ନେହେରୁ ପାର୍କରେ ନେହେରୁଙ୍କ ପ୍ରତିମୂର୍ତ୍ତିରେ ନାଲ୍‌କୋ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀଙ୍କ ସହିତ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ ଏବଂ ପୂଜାର୍ଚ୍ଚନା କରିଥିଲେ। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର ମହାନ୍ତି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସୁନାର ଭାରତ ଗଠନ କରିବା ନେହେରୁଙ୍କ ସ୍ୱପ୍ନ ଥିଲା। ତାଙ୍କର ବିଦେଶ ନୀତି ଉଚ୍ଚ କୋଟୀର ଥିଲା। ସେ ପିଲାମାନଙ୍କୁ ଭଲ ପାଉଥିବାରୁ ତାଙ୍କୁ ଶ୍ରଦ୍ଧାରେ ଚାଚା ନେହେରୁ କୁହାଯାଉଥିଲା ବୋଲି ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମହାନ୍ତି ପ୍ରକାଶ କରିଛନ୍ତି। କମ୍ୟୁନିଟୀ ସେଣ୍ଟର ସଭାପତି ଦାମୋଦର ସାହୁ, ଏଜିଏମ୍ ଶଶାଙ୍କ ଶେଖର ସାହୁ, ବିସି ଦାଶ ଅତିଥିଭାବେ ଯୋଗଦେଇ ଶିଶୁ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ।

## ■ ଆଦର୍ଶ ବିଦ୍ୟାଳୟରେ ଶିଶୁଦିବସ ପାଳିଲେ ରାଜ୍ୟପାଳ

# 'ଶିଶୁମାନେ ଦେଶ ବିକାଶର ଅଗ୍ରଦୂତ'



କୁମ୍ଭାରଖଡି ଶିଳ୍ପୀମାନଙ୍କଠାରୁ ଗଣେଶ ମୂର୍ତ୍ତି ଗ୍ରହଣ କରୁଛନ୍ତି ରାଜ୍ୟପାଳ।




ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ଅନ୍ୟମାନେ।

**ସେମିଳିଗୁଡ଼ା/କୋରାପୁଟ,୧୪।୧୧(ସ୍ୱ.ପ୍ର.)**

### ସରିଲା ୩ ଦିନିଆ ଗସ୍ତ
■ ଶେଷଦିନରେ କୋରାପୁଟ ଜିଲାରେ ଯୋଜନାର ଅଗ୍ରଗତି ସମୀକ୍ଷା
■ ହାଲ୍, ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ ପରିଦର୍ଶନ

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅବିଭକ୍ତ କୋରାପୁଟ ଜିଲା ଗସ୍ତର ତୃତୀୟ ତଥା ଶେଷଦିନ ଥିଲା ଶିଶୁଦିବସ। ଏଭଳି ଏକ ଦିବସରେ ବୁଧବାର ରାଜ୍ୟପାଳ ସେମିଳିଗୁଡ଼ାର ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ଜାତୀୟ ସଙ୍ଗୀତ ଗାନ ପରେ ଜଗନ୍ନାଥ ଭଜନ ଏବଂ ଆଦିବାସୀ ନୃତ୍ୟ ଢେମ୍‌ସାକୁ ଉପଭୋଗ କରିଛନ୍ତି ରାଜ୍ୟପାଳ। ଶିଶୁଦିବସରେ ପିଲାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, 'ତୁମେମାନେ ଦେଶରେ ଭବିଷ୍ୟତ। ତେଣୁ ଯେତେ ପଢ଼ିବ, ସେତେ ବଢ଼ିବ ଏବଂ ଦେଶର ବିକାଶ ପଥରେ ଅଗ୍ରଦୂତ ହେବ।'

ସେଠାରୁ ରାଜ୍ୟପାଳ ସେମିଳିଗୁଡ଼ା ବ୍ଲକ୍ ଦଳେଇଗୁଡ଼ା ପଞ୍ଚାୟତ କୁତୁଗାଁରେ ଆୟୋଜିତ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଷ୍ଟଲ ବୁଲି ଦେଖିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା, କୁମ୍ଭାରଖଡ଼ୀର ହସ୍ତ ତିଆରି ମାଟି ସାମଗ୍ରୀ ଦେଖିବା ସହ ସେମାନଙ୍କଠାରୁ ମାଟି ତିଆରି ଗଣେଶମୂର୍ତ୍ତି ଉପହାର ପାଇଥିଲେ। ଆଚାର, ରାଶି ଏବଂ ବାଦାମ ଚାଖିବା ପରେ ଆଇସିଡିଏସ୍ ଷ୍ଟଲ୍‌ରେ ଛତୁଆ ପ୍ରସ୍ତୁତି ନେଇ ଅଙ୍ଗନୱାଡ଼ି କର୍ମୀ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ବିଜୁ ପକ୍କାଘର ଯୋଜନାରେ ୩୦ ଜଣ ଜମିହୀନଙ୍କ ପାଇଁ କରାଯାଇଥିବା ଗ୍ରାମୀଣ ଆବାସ ଗୃହକୁ ଉଦ୍‌ଘାଟନ କରିଥିଲେ । ଏହାପରେ ସୁନାବେଡ଼ା ସ୍ଥିତ ହାଲ୍ ପରିଦର୍ଶନ କରି ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ।

ସେଠାରୁ ଅପରାହ୍ନ ଗୋଟାଏ ବେଳେ ରାଜ୍ୟପାଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ା କ୍ୟାମ୍ପସ ପରିଦର୍ଶନ କରି କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ଅନ୍ୟ ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ସହ ମିଶିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ୫ଟି ପୋଷ୍ୟଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଅପରାହ୍ନ ୪ଟାବେଳେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିଦର୍ଶନ କରି ରୋଗୀସେବା ନେଇ ଡିନ ଓ ଅନ୍ୟ ପ୍ରଫେସରଙ୍କ ସହ ଆଲୋଚନା ହୋଇଥିଲା। ମେଡିକାଲରେ ଡାକ୍ତର ପଦବୀ ଖାଲି ଓ ବହୁ ଡାକ୍ତର ଏଠାରେ ରହୁ ନ ଥିବାରୁ ରୋଗୀସେବା ପ୍ରଭାବିତ ହେଉଥିବା ନେଇ ରାଜ୍ୟପାଳଙ୍କ ଦୃଷ୍ଟିକୁ ଆଣିଥିଲେ ଗଣମାଧ୍ୟମ ପ୍ରତିନିଧି। ଶେଷରେ କୋରପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା କରିଥିଲେ ରାଜ୍ୟପାଳ। ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ସଫଳତା ସହ ଯୋଜନାର ଲାଭ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଗସ୍ତବେଳେ ରାଜ୍ୟପାଳଙ୍କ ସହ ତାଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି କନୱର ବିଶାଳ ସିଂହ, ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥ ସୋରେନ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ସେମିଳିଗୁଡ଼ା ବିଡିଓ ତ୍ରିନାଥ ମାଝି, ବ୍ଲକ ଅଧ୍ୟକ୍ଷ ଦୀନେଶ ଖରା, ଜୋନ-୧ ଆଇଡିପି ଶ୍ୟାମ ହନ୍ତାଳ, ସୁନାବେଡ଼ା ଏସ୍‌ଡିପିଓ ସସ୍ମିତ ବେହେରା, ଏଏସ୍‌ପି ଭି.ଆର୍. ରାଓ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରିନ୍ସପାଲ ଗୋଲକ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

## ଶିଶୁକନ୍ୟା ମୃତ୍ୟୁ, ମେଡିକାଲରେ ଉତ୍ତେଜନା

**ଜୟପୁର,୧୪।୧୧(ଡି.ଏନ୍.ଏ.)**

ଜୟପୁର ଜିଲା ଚିକିତ୍ସାଳୟରେ ବୁଧବାର ପୂର୍ବାହ୍ନରେ ଜଣେ ଚିକିତ୍ସାଧୀନ ଶିଶୁକନ୍ୟାର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଡାକ୍ତର ଚିକିତ୍ସାରେ ଅବହେଳା ଏବଂ ଦୁର୍ବ୍ୟବହାର କରିଥିବା ମୃତ ଶିଶୁର ପିତା ଅଭିଯୋଗ କରିଛନ୍ତି। ଏନେଇ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ସମୟ ପରେ ଅନ୍ୟ କେତେକ ଡାକ୍ତର ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ପକ୍ଷରୁ ଆପୋଷ ବୁଝାଶୁଝା କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ଖରାପ ବ୍ୟବହାର ଓ ଆକ୍ରମଣ ଧମକ ଦେଇଥିବା ମୃତ ଶିଶୁକନ୍ୟାର ପିତା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ସ୍ଥାନୀୟ ବ୍ରହ୍ମାସାହିର ଆଇନଜୀବୀ ସତ୍ୟବ୍ରତ ପାଢ଼ୀ ନିଜର ୬ ମାସର ଝିଅକୁ ଗୁରୁତର ଅବସ୍ଥାରେ ଚିକିତ୍ସାଳୟ ନେଇଥିଲେ। ସେଠାରେ ଉପସ୍ଥିତ ଥିବା ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ତାଙ୍କ ଝିଅର ମୃତ୍ୟୁ ହୋଇଥିଲା। ଏପରି ଦୁଃଖଦ ଖବର ଶୁଣି ତାଙ୍କ ପତ୍ନୀ ଭୀଷଣ ଅସୁସ୍ଥ ହୋଇପଡ଼ିଥିଲେ। ତେବେ ଏଭଳି ଘଟଣା ପାଇଁ ସେ ଡାକ୍ତରଙ୍କ ଅବହେଳାକୁ ଦାୟୀ କରିବାରୁ ଡାକ୍ତର ଓ ତାଙ୍କ ମଧ୍ୟ ଯୁକ୍ତିତର୍କ ହୋଇଥିଲା । ଖବରପାଇ ଜିଲା ଆଇନଜୀବୀ ସଂଘ ସଂପାଦକ ରବୀନ୍ଦ୍ର ପାତ୍ର ଏବଂ ଆଇନଜୀବୀ ସତ୍ୟନାରାୟଣ ଆଚାରୀ ଚିକିତ୍ସାଳୟରେ ପହଞ୍ଚି ଡାକ୍ତରଙ୍କୁ ପଚାରିବାରୁ ପୁଣି ଉତ୍ତେଜନା ଦେଖାଦେଇଥିଲା ।

## ■ କଂଗ୍ରେସ ସମାବେଶରେ ବର୍ଷିଲେ ତାରା

## ପିସି କାରବାରରେ ବୁଡ଼ିଛନ୍ତି ସରକାର



ସମାବେଶରେ ବିଧାୟକଙ୍କ ସହ ଅନ୍ୟ ନେତୃବୃନ୍ଦ।

**ଜୟପୁର,୧୪।୧୧(ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲିରେ ବୁଧବାର କଂଗ୍ରେସର ବିଶାଳ ସମାବେଶ ଅନୁଷ୍ଠିତ ହୋଇଛି । ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ କହିଛନ୍ତି, ରାଜ୍ୟ ସରକାର ପିସି କାରବାରରେ ପଡ଼ିଛନ୍ତି। ବୋରିଗୁମ୍ମା ବ୍ଲକରେ ୩୫ ପ୍ରତିଶତ ପିସି କାରବାର ଚାଲିଥିବା ବେଳେ ଜୟପୁର ବ୍ଲକରେ କିଛି କମିଛି। ବିଜୁ ବାହିନୀ ଜରିଆରେ ଲୋକଙ୍କୁ ଧମକ ଚମକ ଦିଆଯାଉଥିବା ସେ ଅଭିଯୋଗ କରିଥିଲେ। ଚାଷୀମାନଙ୍କ ଦାବି ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାରେ ଆଦିବାସୀ ମାରଣ ନୀତି ଚାଲିଛି। ସ୍କୁଲରେ ଶିକ୍ଷକ ନାହାନ୍ତି, ଗାଁ ଗହଳିରେ ଡାକ୍ତର ନାହାନ୍ତି। କେବଳ ବିଜେଡିର ଆକ୍ଟରମାନେ ଅଛନ୍ତି ବୋଲି ସେ କହିଥିଲେ। ସମାବେଶରେ ଜିଲା ପର୍ଯ୍ୟବେକ୍ଷକ ନକୁଳ ନାୟକ, ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, କୃଷ୍ଣଚନ୍ଦ୍ର ନେପାକ, ବିନୋଦ ମହାପାତ୍ର, ବୁଲୁ ସାହୁ, ଅଶୋକ ଗନ୍ତାୟତ, ବସନ୍ତ ନାୟକ, ଭଗବାନ ବାହିନୀପତି, ପ୍ରଫୁଲ୍ଲ ଭତ୍ରା, ବ୍ରଜ ନାଗ, ସୁକାନ୍ତ ପଟ୍ଟନାୟକ, ନିହାର ବିଷୋୟୀ, ନରି ମହାନ୍ତି, ଦୁର୍ଗା ଶର୍ମାଙ୍କ ସମେତ ରଣ୍ଡାପାଲି ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ରେହା କଂଗ୍ରେସର ବୁଥ୍ କମିଟି ବୈଠକ ହୋଇଥିବା ବେଳେ ପ୍ରତ୍ୟେକ ବୁଥ୍‌ରେ ୨୦ ଜଣ ସଦସ୍ୟ ଉପସ୍ଥିତ ଥିଲେ। କଂଗ୍ରେସକୁ ବିପୁଳ ସମର୍ଥନ ଦେଇ ବିଜୟୀ କରିବା ପାଇଁ ନେତା ଓ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା।

## ସ୍ମୃତିପଟ୍ଟରେ ଝଲସିଲେ ଚାଚାଜୀ



କୋଟପାଡ ବ୍ଲକ କାର୍ଯ୍ୟାଳୟରେ ଶୋଭା ଅନୁଷ୍ଠାନ ପକ୍ଷରୁ ଶିଶୁ ଦିବସରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ।

**ଜୟପୁର/ସେମିଳିଗୁଡ଼ା, ୧୪।୧୧ (ନି.ପ୍ର./ଡି.ଏନ୍.ଏ./ସ୍ୱ.ପ୍ର.)**

ଜୟପୁର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଛି । ମୁଖ୍ୟବକ୍ତା ଭାବେ ବବିତା ପାତ୍ର ଯୋଗ ଦେଇଥିଲେ। ଅମିତା ମହାପାତ୍ର, ଅନୁପମା ମହାପାତ୍ର, ଶୁକଦେବ ସାହୁ, ଭାଗବତ ଷଡ଼ଙ୍ଗୀ, ମୋନାଲିସା ବାହାଦୁର, ଏନ୍. ସବିତା, ସୁମିତା ପାଢ଼ୀ, ସୁଜାତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଛି । ପ୍ରଭାତ ରଥ, ଏମ୍. ଯୋଗେଶ୍ୱର, ଯଜ୍ଞେଶ୍ୱର ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଓମ୍‌ପ୍ରକାଶ ମିଶ୍ର ଏଥିରେ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସିଟି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଆଇନ ସଚେତନତା ଦିବସ ପାଳନ ଅବସରରେ ବୁଧବାର କାର୍ଯ୍ୟକ୍ରମର ପଞ୍ଚମ ଦିନରେ ଶିଶୁ ଦିବସ ପାଳିତ ହୋଇଛି। ଏଥିରେ ବାଲ୍ୟ ବିବାହ ଅଧିନିୟମ ଆଇନ ୨୦୦୬ ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଏଡିଜେ ଅନୁପ ରଞ୍ଜନ ପଟ୍ଟନାୟକ, ସଚିବ ଲଳିତା ମଞ୍ଜରୀ ପଟ୍ଟନାୟକ, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ସିଜେଏମ୍ ଲୋପାମୁଦ୍ରା ପଣ୍ଡା, ଜେଏମ୍‌ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟି, ପ୍ରଭାତ ସାମଲ, ଆଇନଜୀବୀ ସଂଘ ସଭାପତି ବୀରେଶ ପଟ୍ଟନାୟକ, ପ୍ରଭାକର ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତାପ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୁନାବେଡ଼ା ମିଗ୍‌ନଗରୀସ୍ଥିତ ଭି.ଏସ୍ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ସେଠ୍ ଅତିଥିଭାବେ ଯୋଗଦେଇ ଜବାହରଲାଲ୍ ନେହେରୁଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷ ପିକେ ମିଶ୍ର ମୋବାଇଲ୍ ମାନିଆ ନାମକ ଏକ ଲଘୁ ନାଟିକାରେ ଅଭିନୟ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଶ୍ରୀମତୀ ଅରୂପା। ଶିକ୍ଷକ ଶେଖ୍ ଇବ୍ରାହିମ୍‌ଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ପୋଡ଼ିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

**ଦଶମନ୍ତପୁର, ୧୪।୧୧ (ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ବାଲନି ସାହିର ଜଣେ ମହିଳା ନିଆଁରେ ପୋଡ଼ିହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ହୀରାମଣି ମୁଦୁଲି (୫୦)। ଗତ ୯ ତାରିଖ ରାତିରେ ହୀରାମଣିଙ୍କ ଲୁଗା କାନିରେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ହୀରାମଣିଙ୍କ ଶରୀର ୮୦% ପୋଡ଼ି ଯାଇଥିଲା। ଚିତ୍କାର ଶୁଣି ପଡୋଶୀ ନିଆଁକୁ ଆୟତ୍ତ କରିଥିଲେ ମଧ ସେ ଗୁରୁତର ହୋଇପଡ଼ିଥିଲେ। ପରେ ନିକଟସ୍ଥ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ କିଶୋର କୁମାର ବେହେରା ପ୍ରକାଶ କରିଛନ୍ତି। ପୂର୍ବରୁ ମୃତା ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ଏକମାତ୍ର ଦିବ୍ୟାଙ୍ଗ ଝିଅ ମଇନା ମୁଦୁଲି ମା'ବାପ ଛେଉଣ୍ଡ ହୋଇଯାଇଛନ୍ତି।

## ଅର୍ନିଦ୍ଦିଷ୍ଟ ଛୁଟିରେ ଗଲେ ଜିଆର୍‌ଏସ୍



ବିଡ଼ିଓଙ୍କୁ ଜିଆରଏସ୍‌ମାନେ ଦାବିପତ୍ର ଦେଉଛନ୍ତି।

**ପଟ୍ଟାଙ୍ଗି,୧୪।୧୧(ଡି.ଏନ୍.ଏ.)**

ପଟ୍ଟାଙ୍ଗି ବ୍ଲକରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକମାନେ ପୁଣି ସ୍ଥାୟୀ ନିଯୁକ୍ତି ଦୋହରାଇ ଅର୍ନିଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯାଇଛନ୍ତି। ଜିଆର୍‌ଏସ୍ ସଂଘ ସଭାପତି ପ୍ରଭାତ ତିୱାରିଙ୍କ ଆହ୍ୱାନ କ୍ରମେ ଜିଆର୍‌ଏସ୍‌ମାନେ ୧୫ ତାରିଖରୁ ସମୂହ ଛୁଟି ଦରଖାସ୍ତ ଦେଇ ରାଜ୍ୟସ୍ତରରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହୋଇଛନ୍ତି। ଦୀର୍ଘ ବର୍ଷ ଧରି ଗ୍ରାମାଞ୍ଚଳର ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟ କରିଆସୁଥିଲେ ମଧ ସରକାର କୌଣସି ସୁବିଧା ଯୋଗାଇ ଦେଉନାହାନ୍ତି। ଏହାର ପ୍ରତିବାଦ କରି ବ୍ଲକ ସଭାପତି ଅନିତା ଦାଶ, ସମ୍ପାଦକ ମମିତା ନାୟକ, ପୂର୍ବତନ ସଭାପତି ଶିବ ନାରାୟଣ ପାତ୍ର ଓ ଭୈମ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ବିଡିଓ କରୁଣାକର ପ୍ରଧାନଙ୍କୁ ସମୂହ ଛୁଟି ଦରଖାସ୍ତ ଦିଆଯାଇଛି। ଏହି ସମୟରେ କଣ୍ଡା ଗୋଲରି, ସୁକାନ୍ତ ରୁଡି, ସୁରେଶ ଜାନି, ଏନ୍. ଶ୍ରୀନୁ, ଧର୍ମେନ୍ଦ୍ର ଚୌଧୁରୀ, ଚିନ୍ମୟୀ ମିଶ୍ର, ଦାମୋଦର ଦିଶାରି, କୃଷ୍ଣ ଖରା, ବାବୁରାଓ ହନ୍ତାଳ ଓ ଶୈଳବାଳା ମିଶ୍ର ଉପସ୍ଥିତ ଥିଲେ।

## ୩ ଅନୁଷ୍ଠାନରେ ଶିଶୁ ଦିବସ

**ଦଶମନ୍ତପୁର, ୧୪।୧୧(ଡି.ଏନ.ଏ.)**

ଦଶମନ୍ତପୁର ବ୍ଲକ୍‌ସ୍ଥିତ କୃଷ୍ଣ ମନ୍ଦିର ପଡ଼ିଆଠାରେ ହେଲ୍‌ପ ଏ ଚାଇଲଡ୍ ଅଫ ଇଣ୍ଡିଆ କୋରାପୁଟ ଶିଶୁ ବିକାଶ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି । ସଂସ୍ଥା ସଂଯୋଜକ ଆର୍‌ଡି ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ସିଏସ୍‌ଚିର ଚିକିତ୍ସାଧିକାରୀ ଜୀବନଜ୍ୟୋତି ଜେନା, ପ୍ରକଳ୍ପ ସଂଯୋଜକ ଅଜିତ କୁମାର ମନବୋଧ, ଅର୍ଥ ସଂଯୋଜକ ପ୍ରେମଜିତ୍ ବାଘ ଅତିଥିଭାବେ ଉପସ୍ଥିତ ଥିଲେ। ସେହିପରି ବାଣୁଆଗୁଡ଼ାର ଏନ୍‌ଡବ୍ଲୁପିଏସ୍‌ର ଗୋବିନ୍ଦ ଗରଡ଼ାଙ୍କ ନେତୃତ୍ୱରେ ଶିଶୁ ଦିବସ ପାଳିତ ହୋଇଥିବାବେଳେ ଗାଦିଆଗୁଡ଼ା ଜିପିର ପାଇକପୁକି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପାଢିଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଛି । ଶିଶୁମାନଙ୍କ ମଧ୍ୟରେ କ୍ରୀଡା, ସଙ୍ଗୀତ ବକ୍ତୃତା ଏବଂ ଢେମ୍‌ସା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଛି। ଦଶମନ୍ତପୁର ବ୍ଲକର ଶିଶୁବିକାଶ ସଂଯୋଜକ ସବିର କୁମାର ଡୁରୁକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଦଶମନ୍ତପୁର ସଦରରେ ଆୟୋଜିତ ଶିଶୁ ଦିବସକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ■ ଚକଡ଼ା ଉଜାଡ଼ିଦେଲା ଧାନକ୍ଷେତ

# ଫସଲରେ ନିଆଁ ଲଗାଇଲେ ଚାଷୀ

**କୁନ୍ଦୁରା,୧୪।୧୧(ଡି.ଏନ୍.ଏ.)**



କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶୀ, ଫୁପୁଗାଁ ଏବଂ କୁନ୍ଦୁରା ପଞ୍ଚାୟତରେ ବର୍ଷାଭାବ ଯୋଗୁଁ ଏବଂ ଚକଡ଼ା ପୋକ ଦାଉରେ ଉଜୁଡ଼ିଯାଇଥିବା ଚାଷ ଜମିରେ ଚାଷୀମାନେ ନିଆଁ ଲଗାଇଦେଇଛନ୍ତି। କୁନ୍ଦୁରା ବ୍ଲକ୍‌ର ଡ଼ଙ୍ଗରପାଉଁଶୀ ଗ୍ରାମପଞ୍ଚାୟତ ଅଧୀନ ପ୍ରଧାନୀପୁଟ, ଶୁଣ୍ଠିଗୁଡ଼ା,ସମର୍ଥା ଗୁଡ଼ା, ମୁସାଲଯୁବା, ଫୁପୁଗାଁ ଗ୍ରାମପଞ୍ଚାୟତର ଯୁବାପାତ୍ରପୁଟ, ଫୁପୁଗାଁ, ଚନ୍ଦ୍ରଶୁଣ୍ଠିଗୁଡ଼ାର ଚାଷ ଜମିରେ ଚକଡ଼ା ପୋକ ଲାଗିବା ସହିତ ବର୍ଷାଭାବ ଯୋଗୁ ଧାନ କେଣ୍ଡା ଧରିବା ସମୟରେ ନଷ୍ଟ ହେବାକୁ ଲାଗିଥିଲା। ଏପରି ଅବସ୍ଥା ପ୍ରାୟ ୨ଶହରୁ ୩ଶହ ଏକର ଧାନ ଚାଷରେ ଦେଖିବାକୁ ମିଳିଛି। ଏଥିଯୋଗୁ ପ୍ରଧାନୀପୁଟ ଏବଂ ସମର୍ଥଗୁଡାର ଅଞ୍ଚଳର ଦୁଇ/ତିନି ଜଣ ଚାଷୀ କ୍ଷେତରେ ନିଆଁ ଲାଗାଇ ଦେଇଥିଲେ। ରାଜସ୍ୱ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବାରୁ ଏପରି ପଦକ୍ଷେପ ନେଇଥିବା ଚାଷୀମାନେ କହିଛନ୍ତି। କୁନ୍ଦୁରା ବ୍ଲକ୍ କୃଷି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବୁରୁଡ଼ି ସଦର ମହକୁମାରେ ରହୁ ନଥିବାରୁ ଚାଷୀଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଧାନ ଚାଷ ଜମିରେ ଚକଡ଼ା ପୋକ ଜନିତ କାରଣରୁ ବଜାରରୁ ଔଷଧ ଆଣି କ୍ଷେତରେ ସିଞ୍ଚନ କରିଥିଲେ। ଏହି ଔଷଧରେ ଚକଡ଼ା ପୋକ ନ ମରି ଅଧିକ ବଂଶବିସ୍ତାର କରୁଥିବାରୁ ଧାନ ଫସଲ ନଷ୍ଟ ହୋଇଗଲା। ଫଳରେ ବାଧ୍ୟ ହୋଇ ଧାନକ୍ଷେତରେ ନିଆଁ ଲଗାଇ ଦେଇଥିବା ଚାଷୀ ସୁଦାମ ସାହୁ, ଉରକୁଡ଼ା ହରିଜନ, ରାସ ପିଟିଆ କହିଛନ୍ତି। କୁନ୍ଦୁରା ବ୍ଲକ୍‌ରେ ଉଠା ଜଳସେଚ ପ୍ରକଳ୍ପ ମାଧ୍ୟମରେ କୋଲାବ, କର୍ଲା ଏବଂ ବିରି ନଦୀରୁ ୧୫୯ ପ୍ରକଳ୍ପ ମାଧ୍ୟମରେ ପାଣିଉଠାଇ ଚାଷୀମାନେ ଚାଷ କରୁଛନ୍ତି। ପାହାଡ଼ ତଳେ , ଓଦାଳିଆ ସ୍ଥାନରେ ଏବଂ ଉଚ୍ଚା ଜମିରେ ହେଉଥିବା ଚାଷକୁ ପାଣି ଅଭାବ ରହିଛି। ତହସିଲଦାର ଭିକ୍ଟୋର ସୋରେନ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମୁଁ ରାଜସ୍ୱ ନିରୀକ୍ଷକ ଏବଂ ଭିଏଲ୍ଲୁଙ୍କୁ ପଠାଇ କ୍ଷୟକ୍ଷତି ଆକଳନ କରାଇ ଜିଲା ଏବଂ ରାଜସ୍ତରୀୟ ରିପୋର୍ଟ ପଠାଇବି। ଏ ସମ୍ପର୍କରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ମଧ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି।

ଧରିତ୍ରୀ
DHARITRI
ରାୟଗଡା, ଗୁରୁବାର, ୧୫ ନଭେମ୍ବର,୨୦୧୮



## ଶିଶୁ ଦିବସ ପାଳିତ

ଡାବୁଗାଁ, ୧୪।୧୧ (ଡି.ଏନ.ଏ.)- ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ସେହିପରି ବଡଓଲମା ଆଶ୍ରମ ବିଦ୍ୟାଳୟ-୧ ଓ ବଡଓଲମା ଆଶ୍ରମ ବିଦ୍ୟାଳୟ-୨, କୋଇଲାରି କସ୍ତୁରବା ଗାନ୍ଧୀ ବାଳିକାବିଦ୍ୟାଳୟ, ବୋରିପଦର ଆଶ୍ରମ ବିଦ୍ୟାଳୟ, ଗରୁଡଗୁଡା ଆଶ୍ରମ ବିଦ୍ୟାଳୟ ଶିଶୁ ଦିବସ ପାଳିତ ହୋଇଯାଇଛି ।

## କଲାର ସମାଜର ସହସ୍ରବାହୁ ଜୟନ୍ତୀ

ଡାବୁଗାଁ, ୧୪।୧୧ (ଡି.ଏନ.ଏ.)- ଡାବୁଗାଁ ବ୍ଲକ ଅଧୀନ ନୂଆଗୁଡା ଗ୍ରାମସ୍ଥିତ କଲଚୁରୀ ଭବନଠାରେ ବ୍ଲକ କଲାର ସମାଜ ତରଫରୁ ସହସ୍ରବାହୁ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି । ଏଥିରେ ସମାଜ ସଭାପତି ବିଶ୍ୱନାଥ କଲାର, ଜିଲା ସଭ୍ୟ ଜଗଦୀଶ କଲାର, କଲଚୁରୀ ମହିଳା ମଣ୍ଡଳ ଅଧକ୍ଷା ସବିତା କଲାର, ତୁଳା ବିଶୋଇ, ରଘୁ ବିଶୋଇ, ଭକ୍ତଚନ୍ଦ ମାଝୀ, ଦୁର୍ଜନ ମାଝୀ, ଦାସ ବିଶୋଇ, ଯୁଗୋଳ କଲାର, ପର୍ଶୁ କଲାର, ଡାବୁଗାଁ କଲଚୁରୀ ସେନା ସଦସ୍ୟ ଓ କଲଚୁରୀ ମହିଳା ମଣ୍ଡଳର ସଭ୍ୟାମାନେ ଉପସ୍ଥିତ ରହି ଜୟନ୍ତୀ ପାଳନ କରିଥିଲେ।

# ବିଜ୍ଞାନ ମେଳାରେ ୨୩୦ ପ୍ରକଳ୍ପ ପ୍ରଦର୍ଶିତ



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।



ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ଜଣେ ଛାତ୍ର ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ଚନ୍ଦାହାଣ୍ଡି/ଉମରକୋଟ, ୧୪।୧୧ (ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଓ ଉମରକୋଟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ମୋଟ ୨୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ଚନ୍ଦାହାଣ୍ଡି ବ୍ଲକ ସରକାରୀ ପାନାବେଡା ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ୯୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଜି, ମୁଖ୍ୟବକ୍ତା ତହସିଲଦାର ହୃଦାନନ୍ଦ ସିଂ ମାଝି, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ଉପାଧ୍ୟକ୍ଷ ସୁଭଦ୍ରା ସିହ୍ନା, ବିଡିଓ ପ୍ରଫୁଲ ଚନ୍ଦ୍ର କହଁର, ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢୀ, ବ୍ଲକ ପ୍ରତିନିଧି ରୁଷ୍ଟୁ ବାଘ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ସରପଞ୍ଚ ଲଛମନ ମାଜି, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ଶିଶୁ ବିକାଶ ଅଧିକାରୀ ମୃଣ୍ମୟୀ ଭୋଇ, ପ୍ରଧାନଶିକ୍ଷକ ଦୁଲାର ବାରୋଇ, ନଜରାନା ପରିବିନ, ସାମାଜିକ କର୍ମୀ କାର୍ତ୍ତିକ ବାଘ, ଗୌରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ମେଳା ଆବାହକ ତଥା ପ୍ରଧାନଶିକ୍ଷକ ଶରତ କୁମାର ମାଝି ଏହାକୁ ପରିଚାଳନା କରିଥିଲେ। ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଏହି ପ୍ରକଳ୍ପ ପ୍ରଦର୍ଶିତ କରିଥିବା ନିଶିକା ଜଗତ, ଝୁଲଣା ଭତ୍ରା, ବବିତା ବିଶି, ଭଜମନ ମାଳୀ, ଶ୍ରୀନିବାସ ଆଚାରୀ, ପ୍ରତିଭା ସୁନା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏବିଇଓ ଶୁଶିଳା ଯୋଦ୍ଧାର , ପୁରୁଷୋତ୍ତମ ପାରୀ, ଦୁତୀବାହନ ଖମାରୀ, ବାବୁଧର ସାହୁ, ଲକ୍ଷ୍ମଣ ସାହୁ, ପ୍ରଦୀପ ପାଢୀ, ଉମରସିଂ ନାୟକ, ପ୍ରଶନ୍ନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଉମରକୋଟ ବ୍ଲକର ସଦାଶିବ ସୁକମାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୧୪୦ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ଧର୍ମରାଜ ମାଝି, ସମ୍ମାନିତ ଅତିଥି ଭାବେ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭି. ପ୍ରସାଦ ରାଓ ଯୋଗ ଦେଇଥିଲେ। ଏହି ବିଜ୍ଞାନ ମେଳାର ଆବାହକ ଥିଲେ ସଦାଶିବ ସୁକମାର ଉଚ୍ଚ ବିଦ୍ୟାଳର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ କୁମାର ନାୟକ। ୬ଟି ପ୍ରକଳ୍ପ ଶ୍ରେଷ୍ଠ ପ୍ରକଳ୍ପ ଭାବେ ବିବେଚିତ କରାଯାଇ ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତହସିଲଦାର ଧର୍ମରାଜ ମାଝି, ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ରମେଶ ରାୟ, ସମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝି, ଅରବିନ୍ଦ ପରମାରିକ, ଶିକ୍ଷାବିତ ଅଶୋକ କୁମାର ସାହୁ ଓ ତାଲିମ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ରାଉତ ଯୋଗ ଦେଇଥିଲେ । ଦିଲୀପ ପଟ୍ଟନାୟକ ଓ ନରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଗିଖିଆଙ୍କର ଚାତର ବଡ଼**
**ବାଲିଙ୍ଗି କାଢ଼ନ୍ତି ସାତ ଶଗଡ଼ ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ତେବେ ଯା' ଆଗରେ ତା' ଆଗରେ ହାତପତେଇ ଚଳୁଥିବା ବ୍ୟକ୍ତି ମୁହଁରେ ଏପରି ବଡ଼ଲୋକୀ ଆଦୌ ଶୋଭାପାଇ ନ ଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପୌଢ଼ି ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମକରେ ମଙ୍ଗଳ ଥିଲେ ରେ ପୁତା,**
**ଦାସୀ ପୁଅ ହେଲେ ଧରଇ ଛତା ।**

ମକର ରାଶିରେ ମଙ୍ଗଳ ଗ୍ରହ ଅତୀବ ଶୁଭକାରକ ହୋଇଥିବା ଜ୍ୟୋତିଷ ଶାସ୍ତ୍ରରୁ ଜଣାଯାଇଥାଏ। ଏପରି ଯୋଗରେ ଜନ୍ମଲାଭ କରିଥିବା ବ୍ୟକ୍ତି ଯେତେ ଦରିଦ୍ର ହୋଇଥିଲେ ମଧ ଭବିଷ୍ୟତରେ ଉଚ୍ଚ ପଦପଦବୀ ଲାଭ କରିବାକୁ ସମର୍ଥ ହୋଇଥାନ୍ତି। ସେହିପରି କ୍ଷମତାଶାଳୀ ହେବା ସହ ରାଜଭୋଗ କରିବାର ମଧ ଅନେକ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବିଡିଓଙ୍କୁ ଜିଆରଏସମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସମୂହ ଛୁଟିରେ ଯିବେ ଜିଆରଏସ

ରାଇଘର, ୧୪।୧୧(ଡି.ଏନ.ଏ)

ରାଇଘର ବ୍ଲକରେ କାର୍ଯ୍ୟରତ ସମସ୍ତ ଜିଆରଏସ ଆସନ୍ତା ୧୫ରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଉଛନ୍ତି । ଏ ନେଇ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜିଆରଏସମାନେ ୧୨ବର୍ଷ ହେଲା ସରକାରଙ୍କ ବିଭିନ୍ନ ଯୋଜନାର ତଦାରଖ କରି ଆସୁଥିବାବେଳେ ରାଜ୍ୟ ସରକାର ସେମାନଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି । ତେଣୁ ଏହାର ପ୍ରତିବାଦ ସ୍ୱରୂପ ନିଖିଳ ଓଡିଶା ରୋଜଗାର ସେବକ ସଂଘ ଆହ୍ୱାନକ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଆରଏସ ସଂଘ ସଭାପତି ନରସିଂ ଗଣ୍ଡ, ସମ୍ପାଦକ ଦେବାଶ୍ରିତ ମହାପାତ୍ର, ରବି ପାଲ, ଈଶ୍ୱର ବଲାର, ମଳୟ ମିଶ୍ରି ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ୨ ଆହତ

ପାପଡାହାଣ୍ଡି,୧୪।୧୧(ଡି.ଏନ.ଏ)-

ପାପଡାହାଣ୍ଡି ବ୍ଲକ ସଦର ମହକୁମା ଭବାନୀ ଛକରେ ବୁଧବାର ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ସନସାଇ ହରିଜନ ଓ ଶତ୍ରୁଘନ। ସେମାନେ ବାଇକରେ ପାପଡାହାଣ୍ଡିରୁ ନିଜ ଗାଁ ରଜାମାଟୁ ଯିବା ବେଳେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେମାନେ ତଳେ ପଡିଯିବାରୁ ସନସାଇଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ପରେ ଚିକିତ୍ସା ଲାଗି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରଣ କରାଯାଇଥିଲା।




ବିଶ୍ୱ ମଧୁମେହ ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

## ସାହିତ୍ୟକ ଭାଗୀରଥି ପାତ୍ରଙ୍କ ଜୟନ୍ତୀ

ନବରଙ୍ଗପୁର,୧୪।୧୧(ବି.ପ୍ର.)-

ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଓ ସ୍ମୃତି ସଂସଦ ସହଯୋଗରେ ସାରସ୍ୱତ ପୁରୁଷ ଭାଗୀରଥି ପାତ୍ରଙ୍କ ଜୟନ୍ତୀ ସମାରୋହ ସ୍ଥାନୀୟ ଶାନ୍ତୀଭବନରେ ପାଳିତ ହୋଇଯାଇଛି। ଜିଲାପାଳ ଡଃ ଅଜିତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ଭାଗୀରଥି ପାତ୍ରଙ୍କ ସୃଷ୍ଟି ବର୍ତ୍ତମାନର ଯୁବପୀଢିଙ୍କ ପ୍ରେରଣାର ଉତ୍ସ ଏବଂ ଆଶାର ଆଲୋକ ବୋଲି କହିଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡଃ ବିଜୟ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବେ ନାରାୟଣ ପଣ୍ଡା ଯୋଗ ଦେଇ ଏହି ଉପାନ୍ତ ଅଞ୍ଚଳରେ ଭାଗୀରଥି ପାତ୍ରଙ୍କ ଜୀବନବ୍ୟାପୀ ସାହିତ୍ୟ ସାଧାନା ଚିରସ୍ମରଣୀୟ ବୋଲି କହିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ଓ ଡଃ ବିଜୟ କୁମାର ମିଶ୍ରଙ୍କ ଲିଖିତ ସାହିତ୍ୟକ ଭାଗୀରଥି ପାତ୍ର ଜୀବନୀ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କବି ବଲ୍ଲଭ ରାଉତଙ୍କୁ ଚଳିତ ବର୍ଷର ଭାଗୀରଥି ସମ୍ମାନ ପ୍ରଦାନ କରାଯାଇଥିଲା। ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆକାଶବାଣୀ କଣ୍ଠ ଶିଳ୍ପୀ ସୁରେଶ ମହାପାତ୍ର, ସାଥୀ ଅଶୋକ ମହାନ୍ତି ଓ ଯୁଗଳ ତ୍ରିପାଠୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କବି ଦୁର୍ଗା ପ୍ରସାଦ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ। କବୟତ୍ରୀ ସୁମିତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ମନୋଜ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ସ୍ମୃତି ସଂସଦ ସମ୍ପାଦକ ରାମ ପ୍ରସାଦ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାସ୍କର ଦାଶ, ସମରେଶ ଗନ୍ତାୟତ, ଅଖିଳ ଭଟ୍ଟ, ରତିକାନ୍ତ ଦୁବେ, ସବ୍ୟସାଚୀ ବିଷୋୟୀ, ନନ୍ଦ କିଶୋର ପାଢୀ, ବର୍ଷା ପ୍ରିୟଦର୍ଶନୀ ପଣ୍ଡା, ସାନୁନ କୁମାର ପାତ୍ର, ଚନ୍ଦନ ପାଢୀ, ପ୍ରଦୀପ ନନ୍ଦ, ଶ୍ରୀଧର ଶତପଥୀ, ଶରତ ଦାଶ, କିଶୋର ପଟ୍ଟନାୟକ, ପି. ରବିକାନ୍ତ, ରଘୁ ରାମ, ବାଣୀ ଆଚାର୍ଯ୍ୟ, ରେଣୁକା ଅଚାର୍ଯ୍ୟ, ସ୍ମୃତି ପଣ୍ଡା, ପଦ୍ମାଳୟା ପାତ୍ର, ପ୍ରଭାସିନି ମହାନ୍ତି, ସନ୍ଧ୍ୟାରାଣୀ ପାତ୍ର, ରବିଶଙ୍କର ସାହୁ, ଗଣେଶ୍ୱର ଦାଶ, ପୂର୍ଣ୍ଣଚନ୍ଦ୍ର ମହାଙ୍କୁଡ, ମଙ୍ଗଳା ପ୍ରସାଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଶିଶୁଙ୍କୁ ସ୍ନେହ ଦେଲେ ସେମାନେ ପ୍ରତିଷ୍ଠିତ ହୋଇପାରିବେ

ମାଲକାନଗିରି/ପାଣ୍ଡ୍ରିପାଣି/ମାଥିଲି,୧୪।୧୧(ଡି.ଏନ.ଏ.)-

**ଶିଶୁ ଦିବସ ପାଳିତ**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଶିଶୁଗୃହଠାରେ ପରିବର୍ତ୍ତନ ଓ ଚାଇଲ୍ଡ ଲାଇନ ପକ୍ଷରୁ ବୁଧବାର ଶିଶୁ ଦିବସ ପାଳିତ ହାଇଯାଇଛି। ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ସୁଧାକର ଦାସ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଅଶୋକ ପଟ୍ଟନାୟକ, ଆଇନଜୀବୀ ଦୀନବନ୍ଧୁ ଦାସ, ଚାଇଲ୍ଡ ଲାଇନ ସଦସ୍ୟା ସୁକାନ୍ତି ବିଶ୍ୱାଳ, ରିଙ୍କୁ ବିଶ୍ୱାସ, ଭବାନୀ ଶଙ୍କର ବେହେରା, ଚନ୍ଦ୍ରକାନ୍ତ ପଣ୍ଡା, ଜିଲା ଶିଶୁ ସୁରକ୍ଷା ବିଭାଗର ପ୍ରକଳ୍ପ ଅଧିକାରୀ ସୁଦେଷ୍ଣା ରାଉତ ପ୍ରମୁଖ ଯୋଗ ଦେଇ ଆଜିର ଦିବସର ତାପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ଯତ୍ନ , ଲାଳନପାଳନ ସହ ସେମାନଙ୍କୁ ସ୍ନେହ ଦେଲେ ସେମାନେ ଆଗାମୀ ଦିନରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଶିଶୁ ଗୃହ ପରିସରରେ ଶିଶୁମାନଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା ଏବଂ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମରେ ବିଭିନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରରେ ଶିଶୁ ଗୃହରେ ରହି ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ।

ସଦର ମହକୁମାସ୍ଥିତ ପୂର୍ବତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରବିନ୍ଦ୍ର ଦୋରା, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ପଟ୍ଟନାୟକ, ସିମାଞ୍ଚଳ ପଣ୍ଡା, ଉପାଧ୍ୟକ୍ଷା ଈଶ୍ୱରୀ ପଟ୍ଟନାୟକ, ଶିକ୍ଷୟିତ୍ରୀ ମହାରାଣୀ ପଣ୍ଡା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କମଧରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଶଶିରେଖା ଦାସ, ସରୋଜିନୀ ପରିଡା, କବିତା ମହାପାତ୍ର, ପୁଷ୍ପଲତା ପଣ୍ଡା, ଶ୍ରୀତିସ୍ମିତା ଜୟଶ୍ରୀ, ପଙ୍କଜିନୀ ସାହୁ ପରିଚାଳନା କରିଥିଲେ। ବାଲାରାଜୁ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

ପାଣ୍ଡ୍ରିପାଣି, ଗଙ୍ଗଲା, ପେଦାୱାଡା, ମାର୍କାପାଲି, ପାଣ୍ଡ୍ରିପାଣି, ବୀରଲକ୍ଷ୍ମଣପୁର ଓ ସେରପାଲି ପଞ୍ଚାୟତରେ ଥିବା ଆଶ୍ରମ ବିଦ୍ୟାଳୟ , ସରକାରୀ ବିଦ୍ୟାଳୟ ଓ ପାଣ୍ଡ୍ରିପାଣି ସରସତୀ ଶିଶୁ ବିଦ୍ୟାମନ୍ଦିରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୁରୁମା ଗୁରୁଜୀ , ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ମାଥିଲି ବ୍ଲକ ସୀମାନ୍ତ ତଥା କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ପଞ୍ଚାୟତ ସଦରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟରେ ବୁଧବାର ଶିଶୁ ଦିବସ ପାଳିତ ହୋଇଯାଇଛି । ଅବିଭକ୍ତ କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ଯୁବ ସେନା ତରଫରୁ ଏହି ଦିବସ ଆୟୋଜିତ ହୋଇଥିଲା । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପରେ ନେହେରୁଙ୍କ ଦେଶ ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା । କୋମଳମତି ଶିଶୁମାନଙ୍କୁ ପ୍ରଧାନମନ୍ତ୍ରୀ ନେହେରୁ କିପରି ଆଦର କରୁଥିଲେ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଙ୍ଗୁଲୁ କଟିଆ, ଗୋପାଳ ନାୟକ, ସନୁ ତେନ୍ତୁଳିପାଡିଆ, ଅଭିମନ୍ୟୁ ରଗଡି, ଦୋଳ ଗୋବିନ୍ଦ ଖିଲ, ସୁରେନ୍ଦ୍ର ଖିଲ, ରାମକ୍ରିଷ୍ଣା କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଚନ୍ଦାହାଣ୍ଡି, ୧୪।୧୧(ଡି.ଏନ.ଏ.)-

ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ ବିଜେଡି ତରଫରୁ ପଦଯାତ୍ରା କରାଯାଇଛି । ଏଥିସହ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବ୍ଲକ ସଭାପତି ଗୌରହରି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ଓଠିପଡା, ଭାଟିପେଡା, ଦଳବେଡା ଗ୍ରାମରେ ପଦଯାତ୍ରା କରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଥିଲେ। ଏହିଅବସରରେ ଓଠିପଡା ଭାୟା ଭାଟିପଡା-ଚିଲଗାଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା, ଏକ କୋଟି ୧୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରାସ୍ତା, ଦୁଇକୋଟି ୧୯ଲକ୍ଷ ଟଙ୍କା ବ୍ୟୟରେ ଚିଲଗାଁରୁ ଦଳବେଡା ରାସ୍ତା ଏବଂ ୫୦ଲକ୍ଷ ଟଙ୍କା ବ୍ୟୟରେ ଖଇରଭାଡିଠାରୁ ଖପରାଡିହି ରାସ୍ତାର ଭିତ୍ତିପ୍ରସ୍ତର କରିଥିଲେ। ଖୁବଶୀଘ୍ର ବିଜୁ ସେତୁ ଯୋଜନାରେ ଭଣ୍ଡାରୀନଦୀର ସେମଲପଡାଘାଟଠାରେ ପୋଲ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବ୍ଲକ ଅଧକ୍ଷ ଟିକମସିଂ ନାୟକ, ମନ୍ତ୍ରୀ ପ୍ରତିନିଧି ରୁଷ୍ଟୁ ବାଘ, ଏମପି ପ୍ରତିନିଧି ପ୍ରଶାନ୍ତ ପାରୀ, ପଛୁଆବର୍ଗ ଜିଲା ସଭାପତି କାର୍ତ୍ତିକ ବାଘ, ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ପ୍ରଚାର କମିଟି ବ୍ଲକ ସଭାପତି ଚଇତୁରାମ ଦଣ୍ଡସେନା, ଭୁବନେଶ୍ୱର ବେଶ୍ରା, ବଳରାମ ପଟ୍ଟନାୟକ, ଯୁବରାଜ ଜଗତ, କାମଦେବ ଜବତ, ଭାଗିରଥି ମାଝି, ପୂର୍ବତନ ବ୍ଲକ ଅଧକ୍ଷ ନୃସିଂହ ମାଝି, ତ୍ରିନାଥ ଦାଶ, ନିଳମଣି ଗୌଡ, ଝୁମୁକଲାଲ ସାହୁ , ଗମ୍ଭୀର ଚୌହ୍ୱାନ, ହେମନ୍ତ ସାହୁ, କୃପା ଜଗତ ଯୋଗ ଦେଇଥିଲେ।

■ ଜିଲାସ୍ତରୀୟ ସର୍ଗିଫୁଲ ଉଦ୍‌ଘାଟିତ

# ପିଲାଙ୍କ ଆଗ୍ରହକୁ ବାସ୍ତବତାର ରୂପ ଦିଏ ସର୍ଗିଫୁଲ

ମାଲକାନଗିରି,୧୪।୧୧ (ଡି.ଏନ୍.ଏ.)

**୨୪ ପରିବେଶ ସମ୍ପର୍କିତ ପ୍ରକଳ୍ପ ଦେଖି ଖୁସିହେଲେ ଅତିଥି**



ସର୍ଗିଫୁଲ କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ବୁଧବାର ଜିଲା ମଙ୍ଗଳ ବିଭାଗ ତରଫରୁ ୨ଦିନିଆ ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବ ଉଦ୍‌ଘାଟିତ ହୋଇଛି। ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଜଗମୋହନ ମୀନା, ଏସ୍‌ଡିପିଓ ଶ୍ରବଣ ବିବେକ୍ ଏମ୍., ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଡିଡବ୍ଲ୍ୟୁଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା ୨୪ଟି ପରିବେଶ ସମ୍ବନ୍ଧୀୟ ପ୍ରକଳ୍ପ ପରିଦର୍ଶନ କରି ଅତିଥିମାନେ ଖୁସି ହୋଇଯାଇଥିଲେ। ପଲିଥିନ୍ ରିସାଇକ୍ଲିଂ କରି ଗ୍ୟାସ୍ ଉତ୍ପାଦନ, ଦୁଷିତ ଜଳକୁ ସଂରକ୍ଷଣ କରି ସେହି ଜଳକୁ କିପରି ପାନୀୟ ଶବ୍ଦ ପ୍ରଦୂଷଣ ରୋକିବା, ବାତ୍ୟା, ବନ୍ୟା ସମୟରେ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ,ସୋଲାର ଲାଇଟ୍ ପ୍ରସ୍ତୁତି, ବିଦ୍ୟୁତ୍ ଉତ୍ପାଦନ, ଆଦି ପ୍ରକଳ୍ପଗୁଡିକ ଛାତ୍ରୀଛାତ୍ରମାନେ ଉପସ୍ଥାପନ କରି ଲୋକଲୋଚନକୁ ଆଣେ। ପିଲାଙ୍କ ଭିତରେ ଥିବା ଆଗ୍ରହ ଆଗାମୀ ଦିନରେ ବାସ୍ତବତା ରୂପ ନେଇଥାଏ ବୋଲି ଡିଡବ୍ଲ୍ୟୁଓ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କହିଥିଲେ। ମାଲକାନଗିରି ଜିଲାର ୪୯ଟି ଆଶ୍ରମ ବିଦ୍ୟାଳୟ, ୨୦ଟି ଉଚ୍ଚ ବିଦ୍ୟାଳୟ, ୪ଟି ମହାବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ମୋଟ ୮୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ତର୍କ, ବକ୍ତୃତା, ଏକକ ଏବଂ ଦଳଗତ ନୃତ୍ୟ, ସଙ୍ଗୀତ, ବାଦ୍ୟ ପ୍ରତିଯୋଗିତା ୨ଦିନ ଧରି ହେବ। ଏହି କାର୍ଯ୍ୟକ୍ରମ ପାଇଁ ମଙ୍ଗଳ ବିଭାଗର ୧୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ୨୦ଜଣ ବିଚାରକ ମଣ୍ଡଳୀ ସାମିଲ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍କାଉଟ୍ ଏବଂ ଗାଇଡ୍ ସହ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜୀବନ କୌଶଳ ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଗୁରୁବାର ଉଦ୍ ଯାପନୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବ। ରାଜ୍ୟ ସ୍ତରକୁ ପ୍ରତିଯୋଗୀ ବଛାଯିବ।



ଏକ୍ସବୋର୍ଡ ବିଦ୍ୟାଳୟରେ ଅତିଥିଙ୍କ ଗହଣରେ ବିଭିନ୍ନ ବେଶରେ ଛାତ୍ରୀଛାତ୍ର ।



ଶିଶୁଦିବସ ଅବସରରେ ପ୍ରତିଯୋଗିତା ।




ଶିଶୁଗୃହର ପିଲାମାନଙ୍କୁ ବାହାରିଥିବା ଶୋଭାଯାତ୍ରା ।



ପାଣ୍ଡ୍ରିପାଣି ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁଦିବସ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ନଭେମ୍ବର ୧୫/୨୦୧୮ Rayagada, Thursday, November 15 / 2018

## ସଂକ୍ଷେପରେ

### ୩ ଚାଷୀଙ୍କ ଧାନଗଦାରେ ଲାଗିଲା ନିଆଁ

**ଝରିଗାଁ, ୧୪।୧୧(ସ୍ୱ.ପ୍ର):** ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ବଡରାମସା ଗ୍ରାମରେ ବୁଧବାର ୩ ଚାଷୀଙ୍କ ୫ଟି ଧାନ ଗଦା ଏବଂ ଗୋଟିଏ ପାଳ ଗଦାରେ ନିଆଁ ଲାଗି ପୋଡି ଯାଇଛି। ପୁରୁଷୋତ୍ତମ ଗୌଡ, ଚୈତନ ଗୌଡ ଏବଂ କମଳା ଗୌଡ ଗୋଟିଏ ପଡିଆରେ ଧାନ ଗଦା କରି ରଖିଥିବା ବେଳେ କୌଣସି କାରଣରୁ ଗଦାରେ ନିଆଁ ଲାଗିଯାଇଥିଲା। ଖବରପାଇ ଝରିଗାଁ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ଲାଗିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଚାଷୀମାନେ ଏବେ ସରକାରୀ ସହାୟତା ଦାବୀ କରିଛନ୍ତି।

### ବେକରେ ରଶି ଲଗାଇ ଆତ୍ମହତ୍ୟା

**ଝରିଗାଁ, ୧୪।୧୧(ସ୍ୱ.ପ୍ର):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଞ୍ଚାୟତ ଡାବାଗୁଡା ଗ୍ରାମର ଧନପତି ମୁଦୁଲି(୪୭) ବୁଧବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ପରିବାର ତରଫରୁ ଥାନାରେ ଅଭିଯୋଗ ହୋଇଛି। ଧନପତି ମୁଦୁଲି ଓ ତାଙ୍କ ସ୍ତ୍ରୀ ମକା ଚାଷ କରୁଥିବା ଜମିରେ ଏକ କୁଡିଆ କରି ରହୁଥିଲେ। ସକାଳେ ଧନପତି ନିତ୍ୟକର୍ମ ଶେଷ କରିବା ପରେ ସ୍ତ୍ରୀଙ୍କୁ ମକା ଭାଙ୍ଗିବା ନେଇ ଜମିକୁ ପଠାଇଥିଲେ। ଏହାପରେ ଧନପତି କୁଡିଆ ନିକଟରେ ରହିଥିବା ପଣସ ଗଛରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ଏହା ଜାଣିବା ପରେ ତାଙ୍କ ପୁଅ ଦିନବନ୍ଧୁ ମୁଦୁଲି ଥାନାରେ ଜଣାଇଥିଲେ। ଖବରପାଇ ଘଟଣା ସ୍ଥଳରେ ଏସ୍‌ଆଇ ଅଭୟ ପ୍ରଧାନ ପହଞ୍ଚି ମୃତଦେହ ଜବତ କରିଥିଲେ। ପୂର୍ବରୁ ସେ ୫ ଥର ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ପରିବାର ଲୋକ କହିଛନ୍ତି।

# ଡିସେମ୍ବର ୧ରେ ଖୋଲିବ ଧାନମଣ୍ଡି


ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

**ମଣ୍ଡିରେ ଧାନ କିଣା ନେଇ ବୈଠକ**

- ମଣ୍ଡିରେ ଚାଷୀ ଉପେକ୍ଷିତ ହେଲେ ଲ୍ୟାମ୍ପସ ହେବ କଳା ତାଲିକାଭୁକ୍ତ
- ୧୩ ଲ୍ୟାମ୍ପସ ମାଧମରେ ୫୨ ସ୍ଥାନରେ ଖୋଲିବ ମଣ୍ଡି
- ଚାଷୀ ଧାନ ଦେବାର ୩ ଦିନ ମଧରେ ପ୍ରାପ୍ୟ ଦେବାକୁ ନିର୍ଦ୍ଦେଶ
- ଜିଲାରେ ୭୮୨ ଗାଁ ମରୁଡି ପ୍ରଭାବିତ

**ନବରଙ୍ଗପୁର, ୧୪।୧୧(ବି.ପ୍ର)**

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ଧାନ କିଣା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡଃ ଅଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ। ନବରଙ୍ଗପୁର ଜିଲାରେ ଡିସେମ୍ବର ୧ ତାରିଖରୁ ଧାନ ମଣ୍ଡି ଆରମ୍ଭ ହେବ। ଚଳିତ ବର୍ଷ ଚାଷୀମାନେ ସେମାନଙ୍କ ସମସ୍ତ ଉତ୍ପାଦିତ ଧାନ ବିକ୍ରି କରିପାରିବେ। ଜିଲାର ମୋଟ ୮୯୪ ଗାଁ ମଧ୍ୟରୁ ୭୮୨ ଗାଁ ମରୁଡି ପ୍ରଭାବିତ ହୋଇଛି। ମରୁଡି ପ୍ରଭାବିତ ହୋଇଥିବା ଚାଷୀମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ । ଧାନ ମଣ୍ଡିରେ ଯେପରି କ୍ଷୁଦ୍ର ଓ ନାମକୁ ମାତ୍ର ଚାଷୀ ଉପେକ୍ଷିତ ନ ହୁଅନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ମଣ୍ଡିରେ ଧାନ କିଣା ହେବା ବେଳେ କୌଣସି ପରିସ୍ଥିତିରେ ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା କଟାଯିବ ନାହିଁ। ଧାନର ଏଫଏକ୍ୟୁ ଅନୁଯାୟୀ ଧର ଧାର୍ଯ୍ୟ ହେବ। ଚାଷୀ ଧାନ ଦେଲେ ୩ ଦିନ ମଧ୍ୟରେ ସେମାନଙ୍କ ପ୍ରାପ୍ୟ ଯେମିତି ପାଇବେ ସେ ନେଇ ଯତ୍ନବାନ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ୨୭ ହଜାର ୮ଶହ ଚାଷୀଙ୍କ ପଞ୍ଜିକରଣ କରିବା ପାଇଁ ଟାର୍ଗେଟ ରହିଥିଲା। ମାତ୍ର ୨୧ ହଜାର ୧୯୦ ଜଣ ଚାଷୀ ପଞ୍ଜିକରଣ କରିପାରିଛନ୍ତି। ଧାନ କିଣାରେ ଚାଷୀ କୌଣସି ପ୍ରକାର ଉପେକ୍ଷିତ ହେଲେ ସେହି ଲ୍ୟାମ୍ପସଗୁଡିକୁ ବାଦ ଦିଆଯାଇ ଏସଏଚଜି ଓ ପାଣି ପଞ୍ଚାୟତକୁ ସୁଯୋଗ ଦିଆଯିବ। ଆବଶ୍ୟକ ପଡିଲେ ସେହି ଲ୍ୟାମ୍ପସକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ଧାନ କିଣାରେ କୌଣସି ବ୍ୟତିକ୍ରମ ଦେଖାଯିବ ନାହିଁ ବୋଲି କହିଥିଲେ। ଚଳିତ ବର୍ଷ ଏଫଏକ୍ୟୁ ମାନର ଧାନକୁ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଓ ସାଧାରଣ ମାନର ଧାନର ମୂଲ୍ୟ ୧୭୦୦ ଟଙ୍କା ରଖାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୧୮ ହଜାର ୩ ଶହ ୫୮ ମେଟ୍ରିକ ଟନ ପରିବର୍ତ୍ତେ ୭୯ ହଜାର ୩ ଶହ ମେଟ୍ରିକ ଟନ ଚାଉଳ ସଂଗ୍ରହ ପାଇଁ ଟାର୍ଗେଟ ରହିଛି। ଜିଲାର ୧୩ଟି ଲ୍ୟାମ୍ପସ ମାଧ୍ୟରେ ୫୨ଟି ସ୍ଥାନରେ ମଣ୍ଡି ଖୋଲିବ। ବୈଠକ ଚାଲିଥିବା ବେଳେ ଚାଷୀଙ୍କ ଧାନ କିଣା ଓ କଟାକୁ ନେଇ ଜିଲାପାଳ ଏବଂ ବିଜେଡି ଜିଲା ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଜେଡି ଜିଲା ସଭାପତି ଉମରକୋଟ ବିଧାୟକ ପ୍ରତିନିଧି ଭାବେ ବୈଠକରେ ଯୋଗ ଦେଇଥିଲେ। କିଛି ସମୟ ପାଇ କଥା କଟାକଟି ହେବା ପରେ ଜିଲାପାଳ ବୈଠକ ଛାଡି ଯିବା ପାଇଁ ବାହାରିଥିଲେ। ପରେ ଉପସ୍ଥିତ ନେତା ଓ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପୁନଃ ବୈଠକ ହୋଇଥିଲା। ବୈଠକରେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ଭୁଜବଳ ମାଝି, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରମୋଦ ପାଢୀ,ଯୋଗେନ୍ଦ ସ୍ୱାଇଁ, ଆଶିଷ କୁମାର ପଟ୍ଟନାୟକ, ଉପଜିଲାପାଳ କରୁଣାକର ରାଇକା, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ଏସିଏସଓ ଏନ. ଲକ୍ଷ୍ମଣ ରାଓ, ମନୋଜ କୁମାର ଦାଶ, ଦୁର୍ଗା ପ୍ରସାଦ ମାଝି, ଆରଏମସିର ସମ୍ପାଦକ ଅବକାଶ ବେହେରା, ମିଲ୍ ମାଲିକ ସଂଘ ସଭାପତି ତାପସ ତ୍ରିପାଠୀ, ରାମା ରାଓ, ମଣ୍ଟୁ ଦାଶ, ଏଆରସିଏସ ଚନ୍ଦ୍ର ସେଠିଆ, ସମସ୍ତ ଯୋଗାଣ ନିରୀକ୍ଷଣ, ଲ୍ୟାମ୍ପସ ଏମପି ପ୍ରମୁଖ ଯୋଗ ଦେଇଥିଲେ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଛଟ୍ ପୂଜା ପାଳିଲା ବିହାରୀ ସମ୍ପ୍ରଦାୟ

**ମୁନିଗୁଡା, ୧୪।୧୧(ଡି.ଏନ୍.ଏ.):** ରାୟଗଡା ଜିଲା ମୁନିଗୁଡାଠାରେ ବିହାରୀ ସମ୍ପ୍ରଦାୟ ମହିଳାଙ୍କ ଦ୍ୱାରା ପବିତ୍ର ଛଟ୍ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ଏକାଠି ହୋଇ ନୂତନ ବସ୍ତ୍ର ପରିଧାନ କରି ଆଖୁ ଓ ତୁଳସୀ ଗଛ ପାଖରେ ଝୋଟି ପକାଇବା ସହ ଧୂପ, ଦୀପ ଫୁଲ ଚନ୍ଦନ ଦେଇ ପୂଜା କରି ସୂର୍ଯ୍ୟ ଦେବତାଙ୍କ ପାଖେ ବ୍ରତ ରଖି ଉପବାସ ରହିଥାନ୍ତି। ପୂର୍ବଦିନ ରାତି ତମାମ ପୂଜା କରିଥାନ୍ତି ଏବଂ ସକାଳୁ ସୂର୍ଯ୍ୟ ଉଦୟ ପରେ ଉପବାସ ଭାଙ୍ଗିଥାନ୍ତି। ଏହା ଦ୍ୱାରା ଶାନ୍ତି ଓ ଆରୋଗ୍ୟ ବଜାୟ ରହେ ବୋଲି ବିଶ୍ୱାସ ରହିଛି। ସ୍ଥାନୀୟ ଈଶ୍ୱର ମନ୍ଦିର ପୋଖରୀ ନିକଟରେ ମୁନିଗୁଡା ବିହାରୀ ସଂଘର ସମସ୍ତ ପରିବାର ଏକାଠି ହୋଇ ଏହାକୁ ପାଳନ କରିଥିଲେ। କାର୍ଯ୍ୟକ୍ରମକୁ ବିହାରୀ ସଂଘର ଭୋଳାନାଥ ଦୁବେ, ଛୋଟଲାଲ ସିଂ, ସାହିଲ ସିଂ, ରାକେଶ ସିଂ, ବିମଲ ସିଂ, ସଞ୍ଜୟ ସିଂ, ଧରମ ସିଂ, ପାରସ ଗୁପ୍ତା, ବିନୋଦ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

### ମଧୁମେହ ଦିବସ ପାଳିତ



**କାଶୀପୁର, ୧୪।୧୧(ଡି.ଏନ୍.ଏ.):** କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବୁଧବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାଶୀପୁର ମେଡିକାଲ ଇନଚାର୍ଜ ଦାୟିତ୍ୱରେ ଥିବା ଡାକ୍ତର ନେତ୍ରାନନ୍ଦ ନାଏକ, ଡାକ୍ତର ଆର ଆର ରାଓ, ବିପିଏମ ଚକ୍ରଧର ପଟ୍ଟନାୟକ, ପିଏଚଇଓ ପ୍ରସନ୍ନ ମହାନ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଏନ୍ଏମ୍ ଏବଂ ମେଡିକାଲ କର୍ମଚାରୀଙ୍କୁ ଡାକ୍ତର ଆର ଆର ରାଓ ମଧୁମେହ ରୋଗ କ'ଣ, ଏହାର କାରଣ, ଚିକିତ୍ସା ଓ ରୋଗର ଭୟାବହତା ବିଷୟରେ ଭିଡିଓ ପ୍ରଜେକ୍ଟର ମାଧମରେ ବୁଝାଇ ଥିଲେ। ଫାଷ୍ଟଫୁଡ, ଜଙ୍କଫୁଡ, ଶ୍ୱେତଶାର ତଥା ତୈଳଯୁକ୍ତ ଖାଦ୍ୟ ଯୋଗୁ ମଧୁମେହ ବ୍ୟାପୁଥିବାରୁ ନିୟମିତ ପରିକ୍ଷା କରିବା ଦରକାର ବୋଲି ଅତିଥିମାନେ କହିଥିଲେ। ଶାରୀରିକ ବ୍ୟାୟାମ ସାଙ୍ଗକୁ ନିୟନ୍ତ୍ରିତ ଆହାର ଏବଂ ସଂଯମ ଜୀବନଚର୍ଯ୍ୟା ଦ୍ୱାରା ଜଣେ ରକ୍ତଶର୍କରା ଉପରେ ନିୟନ୍ତ୍ରଣ ରଖିପାରିବ। ଏହା ଡାକ୍ତର ଆର ଆର ରାଓ କାଶୀପୁରସ୍ଥିତ ବିଏସ୍ଏଫ କ୍ୟାମ୍ପକୁ ଯାଇ ଯବାନମାନଙ୍କୁ ମଧ ଏ ନେଇ ସଚେତନ କରିଥିଲେ।

### ଶିଶୁଙ୍କ ବେକରୁ ସୁନା ଲକେଟ୍ ଲୁଟ୍, ଯୁବତୀ ଅଟକ

**ଛତ୍ରପୁର,୧୪।୧୧(ଡି.ଏନ.ଏ): ଛତ୍ରପୁର** ହସ୍ପିଟାଲ ପରିସରରୁ ବୁଧବାର ଜଣେ ଶିଶୁଙ୍କ ବେକରୁ ସୁନା ଲକେଟ୍ ଛିଣ୍ଡାଇ ନେବା ଅଭିଯୋଗରେ ପୋଲିସ ଜଣେ ଯୁବତୀଙ୍କୁ ଅଟକ ରଖିଛି। ତାଙ୍କ ଠାରୁ ସୁନା ଲକେଟ୍ ଜବତ କରିବା ସହ ନଂ. ନଂ-୧୮୮/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପ୍ଲାଷ୍ଟିକମୁକ୍ତ ପଞ୍ଚାୟତ ଗଢ଼ିବାକୁ ସଚେତନ କଲା ଯୁବ ବାହିନୀ



**ମୁନିଗୁଡା, ୧୪।୧୧(ଡି.ଏନ୍.ଏ.):** ରାୟଗଡା ଜିଲା ମୁନିଗୁଡା ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ସୁନିଲ କୁମାର ତାରିଣୀ ଓ ସମ୍ପାଦକ ଅଶ୍ୱିନୀ କୁମାର ବେହେରାଙ୍କ ମିଳିତ ସଂଯୋଜନାରେ ପ୍ଲାଷ୍ଟିକମୁକ୍ତ ପଞ୍ଚାୟତ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଯୁବ ବାହିନୀ ବ୍ଲକ ସଂଯୋଜକ ପ୍ରଦୀପ୍ତ ମହାକୁଡ, ମୁନିଗୁଡା ବ୍ଲକ ବିଜେଡି ସଭାପତି ରତନ ଲାଲ ଜୈନ, ସରପଞ୍ଚ ଜଗା ଶବର, ଭିଏଲ୍ଡବ୍ଲ୍ୟୁ କୈଳାସ ଚନ୍ଦ୍ର ପାତ୍ର, ସୁନୀତା ଦାସ, ସୀମାଞ୍ଚଳ ଦାସ, ବୃନ୍ଦାବନ ପତ୍ରୀ, ସ୍ୱାଧୀନ ପାତ୍ରଙ୍କ ସମେତ ଯୁବ ବାହିନୀର ସଦସ୍ୟମାନେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପ୍ଲାଷ୍ଟିକମୁକ୍ତ ପଞ୍ଚାୟତ ଗଠନ କରିବାକୁ ଲୋକଙ୍କୁ ସଚେତନ କରିଥିଲେ।

■ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସଚେତନତା ରଥ ପରିକ୍ରମା

# ପୋଷ୍ୟ ସନ୍ତାନ ଗ୍ରହଣ ସ୍ନେହର ପ୍ରତୀକ

**ରାୟଗଡା ଅଫିସ୍, ୧୪।୧୧**

ଶିଶୁ ଦିବସ ପାଳନ ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ସାରା ଦେଶରେ ନଭେମ୍ବର ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କ୍ରମରେ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ସଂକ୍ରାନ୍ତରେ ଜିଲାରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ତଥ୍ୟଭିତ୍ତିକ ସୂଚନା ଫଳକରେ ସୁସଜ୍ଜିତ ଏକ ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଗୁହା ପୁନମ ତାପସ କୁମାର ସବୁଜ ପତାକା ଦେଖାଇ ଜିଲା ସଂସ୍କୃତି ଭବନ ପରିସରରୁ ଏହାର ଶୁଭାରମ୍ଭ କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ସ୍ନେହ ଓ ବନ୍ଧନର ପ୍ରତୀକ ବୋଲି ସେ କହିଥିଲେ। ଏହି ରଥ ଜିଲାର ସମସ୍ତ ୧୧ଟି ବ୍ଲକ ସଦର ମହକୁମା ସହ ମୁଖ୍ୟ ପଞ୍ଚାୟତ ଓ ସାପ୍ତାହିକ ହାଟରେ ଆଇନଗତ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ ସଂକ୍ରାନ୍ତ ସୂଚନା ପ୍ରଦାନ କରିବ ବୋଲି ଜିଲା ଶିଶୁ ସୁରକ୍ଷାଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି। ପୋଷ୍ୟ ସନ୍ତାନ ଗ୍ରହଣକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଥିବା ବିଭିନ୍ନ ପ୍ରକାର ଭାବନା ଓ ଦ୍ୱନ୍ଦ୍ୱ ଦୂରୀଭୂତ ହେବ ଏବଂ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣକୁ ରୋକାଯାଇ ପାରିବ ବୋଲି ଅତିଥିମାନେ କହିଛନ୍ତି। ରାୟଗଡା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସବିଶେଷ ତଥ୍ୟ ତଥା ଆଇନ ଅନୁମୋଦିତ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସମସ୍ତ ସହଯୋଗ କରିବ ବୋଲି ଅତିଥିମାନେ କହିଛନ୍ତି। ଏହି ରଥ ୪ଦିନ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବାର ଯୋଜନା ରହିଛି। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ବ୍ୟତୀତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ମଙ୍ଗଳ କମିଟି, ଚାଇଲ୍ଡ ଲାଇନ୍ର ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ।



ଜିଲାପାଳ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଆଜି ରାଜ୍ୟପାଳଙ୍କ ରାୟଗଡା ଗସ୍ତ

**ରାୟଗଡା ଅଫିସ୍, ୧୪।୧୧**

ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ଗୁରୁବାର ରାୟଗଡା ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି। ଏ ନେଇ ସମସ୍ତ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଜିଲାରେ ହାଇଆଲର୍ଟ ଜାରି କରାଯିବା ସହିତ ଯାନବାହନ ଯାଞ୍ଚ କରାଯାଉଛି। ରାୟଗଡାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ମଧ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ରାଜ୍ୟପାଳ କୋରାପୁଟରୁ ବାହାରି ସଡକ ପଥରେ କୁଟୁଳି ଠାରେ ପହଞ୍ଚିବେ। କୁଟୁଳି ପଞ୍ଚାୟତ କାର୍ଯ୍ୟାଳୟରେ ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ସେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ସେଠାରୁ କନ୍ଧମାଲିଗାଁ କନ୍ୟାଶ୍ରମକୁ ଯିବେ। ତାପରେ ହିମରପାଡି ଗସ୍ତ କରିବେ। ହିମରପାଡିରେ ଏମ୍ଜିଏନ୍ଆର୍ଇଜିଏସ୍ ଯୋଜନାରେ ବୃକ୍ଷରୋପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ସେଠାରୁ ବାହାରି ଜିଲାସ୍ତରୀୟ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ରାଜ୍ୟପାଳଙ୍କ ଗସ୍ତ ଓ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ଜିଲାର ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି।

# ଆଜିଠୁ ସମୂହ ଛୁଟିରେ ଜିଆର୍ଏସ୍

**ଗୁଣପୁର,୧୪।୧୧(ଡି.ଏନ୍.ଏ.)**

ଗୁଣପୁର ବ୍ଲକର ଜିଆରଏସ୍ମାନେ ସେମାନଙ୍କ ଦାବି ପୂରଣ ନେଇ ବୁଧବାର ବିଡିଓ ଗାୟତ୍ରୀ ଦେବୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୧୫ ତାରିଖରୁ ସେମାନେ ସମୂହ ଛୁଟିରେ ଯାଉଥିବା ଏଥିରେ ଉଲ୍ଲେଖ ରହିଛି। ସରକାର ସେମାନଙ୍କ ଦାବିକୁ ଅଣଦେଖା କରିଥିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ୧୫ ତାରିଖଠାରୁ ଭୁବନେଶ୍ୱରରେ ଆରମ୍ଭ ହେଉଥିବା ଆନ୍ଦୋଳନରେ ଗୁଣପୁର ସଂଘର କର୍ମକର୍ତ୍ତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଭାପତି ଦେବେନ୍ଦ୍ରସିଂ, ଶିବବ୍ରତ ଆଚାର୍ଯ୍ୟ, ଅଜିତ ଚୌଧୁରୀ, ମଧୁମିତା ଆଚାର୍ଯ୍ୟ, ଦିଲେଶ୍ୱରି ଡୁଲାଲ, କାମାକ୍ଷୀ ପ୍ରସାଦ ନିମାଇଲପୁରି, ଜି.ମନିଲ କୁମାର ଗୁପ୍ତା, ଏରଞ୍ଜି ଶବର, ସନ୍ତୋଷ କୁମାର କଟିନି, ସୋମନାଥ ଚଣ୍ଡ, ବିନାୟକ ଶବର, ଯଶୀୟ ଶବର ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଜିଆର୍ଏସ୍ମାନଙ୍କୁ ଅଳ୍ପ ପାରିଶ୍ରମିକ ମିଳୁଛି। ଏଥିରେ ଚଳିବା କଷ୍ଟକର। ତେଣୁ ସେମାନଙ୍କ ଭବିଷ୍ୟତ ପାଇଁ ଚାକିରି ନିୟମିତ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି।



ଜିଆରଏସ୍ମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଓଡ଼ିଆ ଭାଷା ବିଭାଗର ଆଲୋଚନାଚକ୍ର

**ମୁନିଗୁଡା, ୧୪।୧୧**

ରାୟଗଡା ଜିଲା ମୁନିଗୁଡା ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ଅନୁଦାନ ପ୍ରୟୋଗ ସହାୟତାକ୍ରମେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଜନଜାତି ସମ୍ପ୍ରଦାୟରେ ପାରମ୍ପରିକ ବୈବାହିକ ପଦ୍ଧତି' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡିଆ ସମ୍ମାନ ବିଭାଗ ସମ୍ପାଦିକା ରତ୍ନ କାତିଙ୍କ ଦ୍ୱାରା ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଦଳାଇ, ଦୁଃଶିଳା ବାଗ, ଆକାଂକ୍ଷା ମିଶ୍ର, ଶଙ୍କର ମୁଦ୍ରିକା, ସୁମନ୍ତୀ ବିଭାର, ବାସନ୍ତୀ ଚାଲାଣ, ନଳିନୀ ଦାସ, ଲିଜା ଗୌଡ, ମଧୁ ପଲକିଆ, ରତ୍ନକାତି ସେମାନଙ୍କର ଭିତ୍ତିପତ୍ର ପଠନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ତଥା କଲେଜ ଅଧକ୍ଷ ହୃଷୀକେଶ ଜାଲି, ଚନ୍ଦ୍ରଶେଖର ହୋତା, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ରାୟଗଡା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ କୈଳାସ ମଲ୍ଲିକ, ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ଡଃ ଦେବାନନ୍ଦ ମିଶ୍ର ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଅଧ୍ୟାପକ ରଜନୀକାନ୍ତ ମିଶ୍ର, ଡଃ ରାମନାଥ ମହାପାତ୍ର, ରମାକାନ୍ତ ଚିଞ୍ଚୁଆଣୀ ଏବଂ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଛାତ୍ରୀ ଶ୍ରଦ୍ଧାଞ୍ଜଳି ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

# କଲ୍ୟାଣ ମଣ୍ଡପ ଉଦ୍ଘାଟିତ



କଲ୍ୟାଣ ମଣ୍ଡପ ଉଦ୍ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**କୋଲନରା, ୧୪।୧୧(ଡି.ଏନ୍.ଏ.)**

କୋଲନରା ବ୍ଲକ ସଦର ଗ୍ରାମର ଶ୍ରୀ ଧବଳେଶ୍ୱର ଓ ଶ୍ରୀ ସତ୍ୟସାଇ ବାବାଙ୍କ ମନ୍ଦିର ନିକଟରେ ଆଇଏପି ଯୋଜନାରେ ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ (ଗୋଷ୍ଠୀ କେନ୍ଦ୍ର) କଲ୍ୟାଣ ମଣ୍ଡପ ଉଦ୍ଘାଟିତ ହୋଇଯାଇଛି। ଏହି ଉଦ୍ଘାଟନୀ ସମାରୋହରେ ରାୟଗଡା ବିଧାୟକ ତଥା ରାଜ୍ୟ ଯୋଜନା ବୋର୍ଡ ଅଧକ୍ଷ ଲାଲ୍ବିହାରୀ ହିମିରିକା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଏମ୍ପି ଝିନ୍ନ ହିକ୍କା, କୋଲନରା ପଞ୍ଚାୟତ ସମିତି ଅଧକ୍ଷା ଗୀତା କଣ୍ଡାଗରୀ, ଏମ୍ପି ପ୍ରତିନିଧି ବି.ତିରୁପତି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେ.ଶିବ ଗୋପାଳ ରାଓ, କୋଲନରା ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ଆଇ.ଇନ୍ଦିରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଜେଡି କର୍ମୀ ଆଗୁଲୁ ପାତ୍ର, ଇପିଲି ଚେନ୍ଦ୍ରା ରାଓ, ଜି.ଶଶି ଭୂଷଣ, ନାନୁ ପାଢ଼ୀ, ଏଚ୍.ଏଙ୍କେଟି, ଅବନୀ ପଣ୍ଡାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ସମ୍ବିଧାନ ସମ୍ମାନ ଯାତ୍ରାକୁ ସ୍ୱାଗତ




ସମ୍ବିଧାନ ସମ୍ମାନ ଯାତ୍ରାକୁ ମୁନିଖୋଲାଠାରେ ସ୍ୱାଗତ କରାଯାଉଛି।

**ମୁନିଗୁଡା, ୧୪।୧୧(ଡି.ଏନ୍.ଏ.)**

ରାଷ୍ଟ୍ରୀୟ ସମନ୍ୱୟ ଆହ୍ୱାନକ୍ରମେ ବାହାରିଥିବା ସମ୍ବିଧାନ ସମ୍ମାନ ଯାତ୍ରାକୁ ମୁନିଗୁଡା ବ୍ଲକ ଅଧୀନ ମୁନିଖୋଲଠାରେ ବୁଧବାର ସ୍ୱାଗତ କରାଯାଇଛି। ଗାନ୍ଧୀ ଜୟନ୍ତୀରେ ଗୁଜରାଟର ଦାଣ୍ଡିଠାରୁ ତିନୋଟି ପର୍ଯ୍ୟାୟରେ ଏହା ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୧୦ ବିଶ୍ୱ ମାନବାଧିକାର ଦିବସରେ ଦିଲ୍ଲୀଠାରେ ଏହା ସମାପ୍ତ ହେବ। ଏହାକୁ ନିୟମଗିରି ସୁରକ୍ଷା ସମିତି କଳାହାଣ୍ଡି–ରାୟଗଡା ପକ୍ଷରୁ ସ୍ୱାଗତ କରାଯାଇଛି। ସମିତି ସଭାପତି ମଣ୍ଡଳୀ ସଦସ୍ୟ ଲଦ ସିକକାଙ୍କ ନେତୃତ୍ୱରେ ଆୟୋଜିତ ସମାରୋହରେ ରାଷ୍ଟ୍ରୀୟ ସମନ୍ୱୟର ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରା, ଆବାହକ ଲିଙ୍ଗରାଜ ଆଜାଦ, ମନୋରମା ଖଗୁଆ, ସମାଜବାଦୀ ଜନ ପରିଷଦର ରାଜକିଶୋର ସୁନାନି, ପଶ୍ଚିମ ଓଡିଶା କୃଷିଜୀବୀ ମହାସଂଘ ଆବାହକ ଲିଙ୍ଗରାଜ, କଳାହାଣ୍ଡି ସଚେତନ ନାଗରିକ ମଞ୍ଚର ସତ୍ୟ ମାହାର, ମଧୁରେଶ କୁମାର, ବହୁଜନ ସମାଜ ପାର୍ଟିରେ ଜିତୁ ଜାକେସିକା ଉପସ୍ଥିତ ଥିଲେ। ଏଥିରେ ତେଲେଙ୍ଗାନାରୁ ମୀରା ସଂଘମିତ୍ରା, ଦିଲ୍ଲୀରୁ ରାଜେନ୍ଦ୍ର ରବି, ଭୂପେନ୍ଦ୍ର ରାଓ୍ୱତ ସାମିଲ ହୋଇଥିଲେ।

# ମା' ଦକ୍ଷିଣ କାଳୀଙ୍କ ପ୍ରତିମା ଭସାଣି

**ଗୁଣପୁର,୧୪।୧୧(ଡି.ଏନ.ଏ.)**



ରାୟଗଡା ଜିଲା ଗୁଣପୁରରେ ଅନୁଷ୍ଠିତ ହେଉଥିବା ମା ଦକ୍ଷିଣକାଳୀଙ୍କ ଭସାଣି ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ବାଜା ସହ ନାଚ ଗୀତରେ ମା'ଙ୍କୁ ବିରାଟ ପଟୁଆରରେ ସହର ପରିକ୍ରମା କରାଯାଇ ବଂଶଧାରା ନଦୀରେ ବିସର୍ଜନ କରାଯାଇଥିଲା। ମଙ୍ଗଳବାର ଓଡିଶାର କଣ୍ଠଶିଳ୍ପୀ ତାରିକ ଅଜିଜଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା। ୭ ଦିନ ଧରି ମା'ଙ୍କ ପୂଜା ଧୂମଧାମର ସହ ପାଳିତ ହୋଇଥିଲା।

# ନେହେରୁଙ୍କ ପାଇଁ ଗୋଟିଏ ଦିନ




ସେଣ୍ଟଜାଭିୟର ସ୍କୁଲରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।




ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।




ଟିକିରି ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ କୌତୁକ ପୋଷାକରେ ଛାତ୍ରୀଛାତ୍ର।

**ରାୟଗଡା ଅଫିସ୍/ଗୁଡାରୀ/ମୁନିଗୁଡା/ ଟିକିରି/ ପଦ୍ମପୁର/ଗୁଣପୁର, ୧୪।୧୧(ଡି.ଏନ୍.ଏ.)**

ରାୟଗଡା ନ୍ୟୁକଲୋନୀସ୍ଥିତ ସେଣ୍ଟ ଜାଭିୟର ସିନିୟର ସେକେଣ୍ଡାରୀ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି। ରାୟଗଡା ଅତିରିକ୍ତ ତହସିଲଦାର ସୁଶୀଲ ଖୋରା ଅତିଥି ରୂପେ ଯୋଗଦେଇ ଏକ ଚାଇଲ୍ଡ ଡେଭଲପ୍ମେଣ୍ଟ ସେଣ୍ଟରର ଉଦ୍ଘାଟନ କରିଥିଲେ। କୁନିକୁନି ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ପାତ୍ର, ପ୍ରଶାସକ ଅକ୍ଷୟ କୁମାର ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଡାକ୍ତର ସୌମ୍ୟରଞ୍ଜନ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ସମ୍ପାଦକ ବିଷ୍ଣୁ ପ୍ରସାଦ ଦେଓ ଓ ଉପସଭାପତି ମମତା ଚାଲାଣ ଅତିଥିଭାବେ ଯୋଗ ଦେଇଥିଲେ।

ସେହିପରି ସୁଜାତା ନାୟକ ଓ ଗିରିଜା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁନିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ଦିବସ ପାଳିତ ହୋଇଛି। ଶିକ୍ଷୟିତ୍ରୀ ରଶ୍ମିତା ନାୟକ, ଗାତାଞ୍ଜଳି ବେହେରା, ଶିକ୍ଷକ ଅନୁରୋଧ ବେହେରା, ଅନିଲ କରକରିଆ ପ୍ରମୁଖ ନେହେରୁଙ୍କ ଜୀବନିଆଲୋଚନା କରିଥିଲେ। ପାତ୍ରଗୁଡା ବୃନ୍ଦାବନ ବିଦ୍ୟପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାପୀଠ ଫାଉଣ୍ଡର ଡମ୍ବରୁଧର ଶତପଥୀ, ଏବିଇଓ ରତ୍ନାକର ଶବର, ସଭାପତି ଚକ୍ରଧର ଶତପଥୀ, କ୍ଷମା ସାଗର ଦାସ, ସୁବାଷ ଚନ୍ଦ୍ର ଖୁରା, ସୁକାନ୍ତ ପୁସିକା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କାଶୀପୁର ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପିକା ସରୋଜିନୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ଉମା ପ୍ରିୟଦର୍ଶିନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସୁରଜ ମହାନ୍ତି ଓ ସିଦ୍ଧିତୋୟା ନାୟକ ଶିଶୁ ଦିବସ ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ସେହିପରି ନୂଆପଡାସ୍ଥିତ ଆଦିତ୍ୟ ବିର୍ଲା ସ୍କୁଲରେ ଅଧକ୍ଷ ଲକ୍ଷ୍ମୀନାରାୟଣ ଦାସଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ରେଣୁକୋଟ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ରେଖାସିଂ ଓ ସସ୍ମିତା ରାୟ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁମନ ପାଣ୍ଡେ, ସୁଚିସ୍ମିତା ତ୍ରିପାଠୀ ପରିଚାଳନା କରିଥିଲେ। ପଦ୍ମପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରସାହି ଜୁମୁରୁଗୁଡାରେ ବିଦ୍ୟାଳୟ ନୂତନ କମିଟି ସଭାପତି ହରିପ୍ରିୟା ପଣ୍ଡାଙ୍କ ସଭାପତିତ୍ୱରେ ଶିଶୁ ଦିବସ ହୋଇଯାଇଛି। ବିଦ୍ୟାଳୟ ସହକାରୀ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ହୃଷିକେଶ ପରିଡାଲା, ଶ୍ରୀବସ୍ତ କୈବର୍ତ୍ତ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସେହିଭଳି ପଦ୍ମପୁର ଆଇଡିଏଲ୍ ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର.ଜି. ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉପ ଅଧକ୍ଷ ଜ୍ୟୋତି ସାହୁ ପରିଚାଳନା କରିଥିଲେ। ସାଧନା ନାୟକ, ପି. ଶ୍ରୀଦେବୀ, ସୁନିତା ବାଉରୀ, ଦେବଯାନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଗୁଡିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଶତପଥୀଙ୍କ ଆୟୋଜନକ୍ରମେ ଶିଶୁ ଦିବସ ପାଳିତ ହୋଇଯାଇଛି।

ଗୁଣପୁରର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଅନୁଷ୍ଠିତ ଶିଶୁଦିବସ କାର୍ଯ୍ୟକ୍ରମରେ ଗୁଣପୁର କଲେଜର ଅବସରପ୍ରାପ୍ତ ଅଧକ୍ଷ ମୋହନ ଚନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଲଳିତ ବୈଦ୍ୟ ଭୂଷଣଙ୍କ ସମେତ ସଦସ୍ୟା ଅମ୍ବିକାରାଣୀ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ, ମହର୍ଷି ଗୁରୁକୁଳ କଲେଜ ସମ୍ପାଦକ ଜିତେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଆଚାର୍ଯ୍ୟା ଶୁଭଶ୍ରୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମମତା ସାହୁ ଉଦ୍ବୋଧନ ଦେଇଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରବନ୍ଧରେ ରିତୁ ପଣ୍ଡା, ସଂଗୀତରେ ସ୍ତୁତି ପଣ୍ଡା, ପ୍ରାତଃ ସ୍ମରଣରେ ପ୍ରତ୍ୟୁଷ ପାଢୀ, ଅଭିନୟରେ ସ୍ମୃତି ପ୍ରଜ୍ଞା ଦାସ, କାହାଣୀରେ ଦିଲେଶ୍ୱରୀ ଶବର, ଚିତ୍ରାଙ୍କନରେ ସୁଶ୍ରୀ ସୁନାମୁଦି ଏବଂ ବାହାନ ପ୍ରମୁଖରେ ଶୁଭମ ଶତପଥୀ ପ୍ରଥମ ହୋଇଥିଲେ। ବାଳନିକେତନରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଶିଶୁ ଦିବସ ପାଳନ କରାଯାଇଛି। ଏଥିରେ ତାଲୁକ ଆଇନ ସେବା ସଂସ୍ଥା ଅଧକ୍ଷ ତଥା ଏଡିଡେ ନିଶିଥ ନିଶଙ୍କ, ସବଜଜ ସତ୍ୟ ନାରାୟଣ କର, ଏସ୍ଡିଜେଏମ୍ ବିଭୁଦତ୍ତ ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଜଗନ୍ନାଥପରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନିହାର ରଞ୍ଜନ ପଟ୍ଟନାୟକ ଓ ମନିଷା ମହାପାତ୍ର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିକ୍ଷକ ସୂର୍ଯ୍ୟନାରାୟଣ ପଣ୍ଡା, ଅନୁଷ୍ଠାନର ସମ୍ପାଦକ ଅକ୍ଷୟ ମହାନ୍ତି, ପ୍ରତିଷ୍ଠାତା ବାଞ୍ଛାନିଧି ମହାନ୍ତି, ଅଜିତ ମହାନ୍ତି, ଉଷାରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମରାଠୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ବେଣୁଧର ଜାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ହରିପ୍ରିୟା ମିଶ୍ର ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ରୋଜି କୋରା ନୃତ୍ୟ ପରିବେଷଣ କରିଥିବା ବେଳେ ଶାନ୍ତିଲତା ନାୟକ ଚିତ୍ରକଳା, ମାଧୁରୀ ପାଣିଗ୍ରାହୀ ସଂଗୀତ ଏବଂ ନିଳାଞ୍ଜଳ ମିଶ୍ର ବ୍ୟଙ୍ଗ କବିତା ପାଠ କରିଥିଲେ। ପୁଷ୍ପାଞ୍ଜଳି ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଗାନ୍ଧୀ ପବ୍ଲିକ ସ୍କୁଲରେ ଆୟୋଜିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଗାନ୍ଧୀ ଗ୍ରୁପ ଉପାଧକ୍ଷ ଡ.ଜଗଦିଶ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଟି କ୍ୟାମ୍ପସ ମୁଖ୍ୟ ମହେଶ୍ୱତା ନାୟକ ଧନ୍ୟବାଦ ଦେଇଥିଲେ।

# ଜଳିଗଲା ୩୬ ବଖରା

## ୧୨ ପରିବାର ଏବେ ବାସହରା

କାଶୀନଗର, ୧୪।୧୧ (ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକର କିତାଙ୍ଗି ଗ୍ରାମରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୨ଟି ପରିବାରର ୩୬ବଖରା ଘର ଜଳିଯାଇଛି। ତେବେ କୌଣସି ଜୀବନହାନୀ ଘଟିନାହିଁ। ଖବର ପାଇ କାଶୀନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ରୋଷେଇ ଘର ଚୁଲିରୁ ନିଆଁ ଉଠି ଚାଳରେ ଲାଗି ବ୍ୟାପିଯାଇଥିଲା ବୋଲି ଜଣାପଡିଛି। ରାମେୟା ଶବର, ରାମଲିଙ୍ଗ ଶବର, ରାମସ୍ୱାମୀ ଶବର, ଚିନାମୀ ଶବର, ଭାସ୍କର ଶବର, ଗୋବିନ୍ଦା ଶବର, ଆପାରାଓ ଶବର, ସୁଧା ଶବର, ଧର୍ମା ଶବର, ନାଗେଶ ଶବର, ଚନ୍ଦ୍ର ଶବର, କମଳା ଶବର ଏବଂ ବିଶିରିଙ୍ଗ ଶବରଙ୍କର ଘର ପୋଡ଼ିଯାଇଛି। ଫଳରେ ଏହି ପରିବାରଗୁଡ଼ିକ ଏବେ ବାସହରା ହୋଇପଡ଼ିଛନ୍ତି। ଅଗ୍ନିକାଣ୍ଡରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଏ ସଂକ୍ରାନ୍ତରେ କାଶୀନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି ଯେ, କ୍ଷତିଗ୍ରସ୍ତଙ୍କୁ ତାର୍ପୋଲିନ ପ୍ରଦାନ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ କ୍ଷତିପୂରଣ ଓ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ।

# ମଧୁମେହକୁ ରୋକିବ ବାୟାମ, ସନ୍ତୁଳିତ ଖାଦ୍ୟ



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବୁଧବାର ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ପରେ ସଭାରେ ମଧୁମେହ ରୋଗର କାରଣ ଏବଂ ଏହାର ଲକ୍ଷଣ ଓ ନିରାକରଣ ବିଷୟରେ ଆଲୋଚନା କରାଯାଇଥିଲା । ଏହି ରୋଗରୁ ଦୂରେଇ ରହିବା ପାଇଁ କେଉଁ ସବୁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିଥାଏ ସେନେଇ ବୁଝାଇ ଦିଆଯାଇଥିଲା। ଲୋକେ ନିଜ ମଧୁମେହ ପରୀକ୍ଷା କରି ନିୟମିତ ଔଷଧ ବ୍ୟବହାର ସହ ବ୍ୟାୟାମ କରିବା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ଶିବିର କରାଯାଇ ମାଗଣାରେ ମଧୁମେହ ପରୀକ୍ଷା କରାଯିବା ଔଷଧ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପି.କେ.ପାତ୍ର, ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳିକା ସୌମ୍ୟାରାଣୀ ଗୌଡ, ତୁଷାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ପ୍ରପୀଡ଼ିତ ଅଞ୍ଚଳର ୨ ଶିଶୁଙ୍କୁ ଥଇଥାନ

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)

ଗଜପତି ଜିଲା ଶିଶୁ କଲ୍ୟାଣ ସମିତି ଦ୍ୱାରା ବାତ୍ୟା ପ୍ରପୀଡ଼ିତ ଅଞ୍ଚଳର ୨ଜଣ ଶିଶୁଙ୍କୁ ଥଇଥାନ କରାଯାଇଛି। ସୂଚନା ଅନୁଯାୟୀ, ଆର୍.ଉଦୟଗିରି ବ୍ଲକ ରାମଗିରି ନିକଟ ଅନଘା ଗ୍ରାମର ଜଣେ ୬ବର୍ଷୀୟ ନାବାଳକଙ୍କ ମା' ଗତ ତିତ୍‌ଲି ବାତ୍ୟାରେ ପ୍ରାଣ ହରାଇ ଥିଲେ। ପୁଅର ପାଳନ ପୋଷଣ ପାଇଁ ତାଙ୍କ ବାପା ଅସମର୍ଥ ପ୍ରକାଶ କରିବାରୁ ଅଲିଭା ପଞ୍ଚାୟତ ପ୍ରତିନିଧି ମହାସଂଘର ସଭାନେତ୍ରୀ ଅଭାଗିନୀ ମାଳି ଉକ୍ତ ନାବାଳକଙ୍କୁ ଆଣି ଶିଶୁ କଲ୍ୟାଣ ସମିତି ଜିମା ଦେଇଛନ୍ତି। ସେହିପରି ଜଣେ ୮ବର୍ଷୀୟ ନାବାଳିକାଙ୍କ ବାପା ପୂର୍ବରୁ ମରିଯାଇଥିବା ବେଳେ ମା' ଅନ୍ୟତ୍ର ଚାଲିଯାଇଛନ୍ତି । ସେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ମାତ୍ର ବାତ୍ୟାରେ ପ୍ରଭାବିତ ହେବା ପରେ ସେହି ସମ୍ପର୍କୀୟମାନେ ଏହି ନାବାଳିକାଙ୍କ ଦାୟିତ୍ୱ ନେବାକୁ ଅସମର୍ଥ ପ୍ରକାଶ କରିଥିଲେ। ଫଳରେ ତାଙ୍କୁ ମାଳି ଆଣି ଜିଲା ଶିଶୁ କଲ୍ୟାଣ ସମିତି ଜିମା ଦେଇଥିଲେ। ଦୁହିଁଙ୍କୁ ପାରଳାଖେମୁଣ୍ଡିସ୍ଥିତ ନବଜୀବନ ବାଳାଶ୍ରମରେ ଥଇଥାନ କରାଯାଇଥିବା ସମିତିର ଅଧ୍ୟକ୍ଷ ବିନୋଦ ଜେନା କହିଛନ୍ତି।

## ମୋହନାରେ ମାସ୍କଟ ଓଲି

ମୋହନା,୧୪।୧୧(ଡି.ଏନ୍.ଏ.)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ପୁରୁଷ ବିଶ୍ୱକପ ହକିର ମାସ୍କଟ ଓଲି ବୁଧବାର ମୋହନାରେ ପହଞ୍ଚିଥିଲା। ମାସ୍କଟ ଓଲି ମୋହନା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ନାଚ ସଂଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଜନସାଧାରଣ ମାସ୍କଟ ଓଲିକୁ ପାଣ୍ଡାଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଗିଖିଆଙ୍କର ଚାତର ବଡ଼**
**ବାଲିଙ୍ଗି କାଢ଼ନ୍ତି ସାତ ଶଗଡ଼ ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ତେବେ ୟା' ଆଗରେ ତା' ଆଗରେ ହାତପତେଇ ଚଳୁଥିବା ବ୍ୟକ୍ତି ମୁହଁରେ ଏପରି ବଡ଼ଲୋକୀ ଆଦୌ ଶୋଭାପାଇ ନ ଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପୌଢ଼ି ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମକରେ ମଙ୍ଗଳ ଥିଲେ ରେ ପୁତା,**
**ଦାସୀ ପୁଅ ହେଲେ ଧରଇ ଛତା ।**

ମକର ରାଶିରେ ମଙ୍ଗଳ ଗ୍ରହ ଅତୀବ ଶୁଭକାରକ ହୋଇଥିବା ଜ୍ୟୋତିଷ ଶାସ୍ତ୍ରରୁ ଜଣାଯାଇଥାଏ। ଏପରି ଯୋଗରେ ଜନ୍ମଲାଭ କରିଥିବା ବ୍ୟକ୍ତି ଯେତେ ଦରିଦ୍ର ହୋଇଥିଲେ ମଧ୍ୟ ଭବିଷ୍ୟତରେ ଉଚ୍ଚ ପଦପଦବୀ ଲାଭ କରିବାକୁ ସମର୍ଥ ହୋଇଥାନ୍ତି। ସେହିପରି କ୍ଷମତାଶାଳୀ ହେବା ସହ ରାଜଭୋଗ କରିବାର ମଧ୍ୟ ଅନେକ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍କୁଲ ପରିଚାଳନା କମିଟି ଗଠିତ


କମିଟିର କର୍ମକର୍ତ୍ତା ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

କାଶୀନଗର, ୧୪।୧୧(ଡି.ଏନ.ଏ.)

କାଶୀନଗରସ୍ଥ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଛି। ପ୍ରଧାନ ଶିକ୍ଷକ ରାଧାଶ୍ୟାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ରାଜେଶ କୁମାର ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି କମିଟିରେ ୮ଜଣ ସଭ୍ୟଙ୍କୁ ନିର୍ବାଚିତ କରାଯାଇଛି। ଏହି ଅବସରରେ ପୂର୍ବତନ ସଭାପତି ରଘୁରାମ ସାହୁ ଏବଂ ସିଆର୍‌ସିସି ବି. ଗୋପାଳ ରାଓ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜାଗା ପାଇଁ ଗଣ୍ଡଗୋଳ:୨ ପରିବାରର ୫ଆହତ

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମସାଗର ନିକଟରେ ଏକ ଜାଗାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପରିବାରର ୫ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଜାଗାକୁ ନେଇ ପୂର୍ବରୁ ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା । ବୁଧବାର ସକାଳେ ଟି.ସୀମାଦ୍ରୀ(୬୨) ଓ ତାଙ୍କ ପରିବାରବର୍ଗ ଏହି ଜାଗାରେ କାନ୍ଥ ନିର୍ମାଣ କରୁଥିଲେ। ଏହି ସମୟରେ ଡି. ଧର୍ମାରାଓ(୫୯) ପହଞ୍ଚି ବିରୋଧ କରିବା ସହ କାମ ବନ୍ଦ କରିବାକୁ କହିଥିଲେ । ଫଳରେ ବଚସା ହୋଇ ଗଣ୍ଡଗୋଳ ଘଟିଥିଲା। ଗଣ୍ଡଗୋଳରେ ଧର୍ମାରାଓ, ତାଙ୍କ ପୁଅ ବୈକୁଣ୍ଠ (୨୬), ସିମାଦ୍ରୀ, ତାଙ୍କ ପୁଅ ଟି.ମାଧବ(୩୦) ଏବଂ ଟି. ସୋମେଶ(୨୭)ଙ୍କ ସମେତ ୫ଜଣ ଆହତ ହୋଇଥିଲେ। ଏମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାରଳାଖେମୁଣ୍ଡି ଥାନା ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

### ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସପ୍ତାହ

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.) ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲାପାଳ ଅନୁପମ ଶାହା ସବୁଜ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରିବା ସହ ସଚେତନତା ପ୍ରଚାର ପତ୍ର ବାଣ୍ଟିଥିଲେ। ଏହି ରଥ ଆସନ୍ତା ୩ଦିନ ଧରି ବାତ୍ୟା ପ୍ରପୀଡ଼ିତ ରାୟଗଡା, ଗୁମ୍ମା, ଗୋଷାଣୀ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲିବ। ଅନାଥ, ପରିତ୍ୟକ୍ତ ଓ ସମର୍ପିତ ଶିଶୁମାନଙ୍କୁ ଆଇନ ଅନୁଯାୟୀ ପରିବାରରେ ସାମିଲ କରିବା ନେଇ ସଚେତନ କରାଯିବ। ଚଳିତ ବର୍ଷ ଗଜପତିରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଆରମ୍ଭ ହୋଇଛି । ଏହା ମାଧ୍ୟମରେ ୭ଜଣ ଶିଶୁଙ୍କୁ ଖୋର୍ଦ୍ଧା, ବିଶାଖାପାଟଣା, ବୁରୁଗାଁ ଓ କେରଳର ଦମ୍ପତିମାନଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଭାବେ ଆଦରି ନିଆଯାଇଛି। ତିତ୍‌ଲି ବାତ୍ୟାରେ ଉଦ୍ଧାର ହୋଇଥିବା ୧୧ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ଥଇଥାନ କରିବା ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଆତ୍ମରକ୍ଷା ତାଲିମ



ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.) ଗଜପତି ଜିଲା ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଏହାକୁ ଅଧ୍ୟକ୍ଷା ଅରୁଣା ସାମଲ ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ଦିନକୁ ଦିନ ମହିଳାଙ୍କ ପ୍ରତି ହିଂସା ଓ ଅସଦାଚରଣ ବଢ଼ିବାରେ ଲାଗିଥିବାରୁ ଛାତ୍ରୀମାନଙ୍କ ପାଇଁ ଏଭଳି ତାଲିମ ନିହାତି ଜରୁରୀ ହୋଇପଡିଛି। ଏହାଦ୍ୱାରା ଛାତ୍ରୀମାନେ ନିଜକୁ ଏବଂ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ। ବିଭିନ୍ନ ପରିସ୍ଥିତିରେ ଛାତ୍ରୀମାନେ କିପରି ସାହସିକତାର ସହ ବିପଦର ମୁକାବିଲା କରିଛନ୍ତି ଏବଂ ତାହା ଅନ୍ୟମାନଙ୍କ ପାଇଁ ନଜିର ସୃଷ୍ଟି କରିଛି ସେନେଇ ଅଧ୍ୟକ୍ଷା ଆଲୋକପାତ କରିଥିଲେ। ଶିବିର ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ୧୮୦ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୩୦ଜଣ ଛାତ୍ରୀ ତାଲିମ ନେବେ । ଏଠାରେ ଜିଲାର ଅନ୍ୟ ୭ଟି କଲେଜର ଛାତ୍ରୀଙ୍କୁ ତାଲିମ ଦିଆଯିବ। ତାଲିମଦାତା ଭାବେ ଲଳିତା ପଢ଼ିହାରୀ, ପରିଣିତା ଶବର, ଦିପ୍ତୀମୟୀ ସାହୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଅଧାପିକା କଳ୍ପନା ପଟ୍ଟନାୟକ, ବିଜୟଲକ୍ଷ୍ମୀ ପାତ୍ର, ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ପାର୍କିଂ ନେଇ ଅସନ୍ତୋଷ

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)- ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ବିଭାଗ ସମ୍ମୁଖରେ ବାଇକ୍ ପାର୍କିଂ ଯୋଗୁ ରୋଗୀ ଓ କର୍ମଚାରୀଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚିକିତ୍ସାଳୟ ପରିସରରେ ପାର୍କିଂ ପାଇଁ ସ୍ୱତନ୍ତ୍ର ସେଡ୍ ଥିବାବେଳେ ସର୍ଜରୀ ବିଭାଗ ସାମ୍ନା ଏବଂ ୱାର୍ଡ ପ୍ରବେଶ ପଥ ନିକଟରେ ବାଇକ୍ ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନକୁ ଅବାଧ ପାର୍କିଂ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ଦିଗରେ ସିଡିଏମ୍‌ଓ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶିଶୁ ଆଇନ, ଅଧିକାର ସଂକ୍ରାନ୍ତ ସଚେତନତା

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)

ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ବୁଧବାର ଶିଶୁଦିବସ ଅବସରରେ ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ପୌରପାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସମ୍ପାଦିକା ଦୀପା ଦାସ ଯୋଗଦେଇ ଶିଶୁମାନେ ଦେଶର ମୂଳଦୁଆ ହୋଇଥିବାରୁ ମହାପୁରୁଷଙ୍କ ବାଣୀ ଅନୁସରଣ କରି ସତ୍‌ମାର୍ଗରେ ଚାଲିବା ଉଚିତ ବୋଲି କହିଥିଲେ। ଆଇନ ଏବଂ ଅଧିକାର ବିଷୟରେ ଶିଶୁଙ୍କ ପାଇଁ ରହିଥିବା ବିଭିନ୍ନ ସେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ଦାସ, ଆଇନ ସାକ୍ଷରତା କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଉମାଚରଣ ରାଉତ ଯୋଗଦେଇଥିଲେ । ଆଇନସେବା ଦିବସ ଉପଲକ୍ଷେ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରାଧିକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଶୋଭାଯାତ୍ରା ବାହାରିଥିଲା। ପ୍ରାଧିକରଣ ସମ୍ପାଦିକା ସବୁଜପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କଂଗ୍ରେସ ପକ୍ଷରୁ ନେହେରୁ ଜୟନ୍ତୀ


କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମୀମାନେ।

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)–

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦର ୪ନମ୍ବର ୱାର୍ଡସ୍ଥିତ କବିଚନ୍ଦ୍ର ରଘୁନାଥ ପରିଚ୍ଛା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ନଗର କଂଗ୍ରେସ ପକ୍ଷରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବହାରଲାଲ ନେହେରୁଙ୍କ ଜୟନ୍ତୀ ପାଳନ କରାଯାଇଛି। ବିଦ୍ୟାଳୟ ପରିସରସ୍ଥ ନେହେରୁଙ୍କ ପ୍ରତିମୂର୍ତ୍ତିରେ ନଗର କଂଗ୍ରେସ ସଭାପତି ବସନ୍ତ ପଣ୍ଡା ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ନେହେରୁଙ୍କ ଶାସନ କାଳରେ ଦେଶରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୟ ଅଧିକାରୀ, ଜେ.ଭାର୍ଗବ, କୃଷ୍ଣ ବେହେରା, କୁନା ମାଝି, ବାବୁଲି ସାହୁ, ଲବ ବେହେରା, କେ.ରାମସ୍ୱାମୀ ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

# ଆର୍‌ୟନ ସ୍କୁଲରେ ବିଜ୍ଞାନ, ହସ୍ତକଳା ପ୍ରଦର୍ଶନୀ

ପଦ୍ମପୁର, ୧୪।୧୧(ଡି.ଏନ୍.ଏ.)

ପଦ୍ମପୁରସ୍ଥିତ ଆର୍‌ୟନ ଇଂଲିଶ ମିଡିୟମ ବିଦାଳୟରେ ବିଜ୍ଞାନ ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ଦ୍ୱିତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୧ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ନର୍ସରୀରୁ ପ୍ରଥମ ଶ୍ରେଣୀ ମଧ୍ୟରେ ୭୧ଜଣ ଛାତ୍ରୀଛାତ୍ର ହସ୍ତକଳା ପ୍ରଦର୍ଶନୀରେ ଭାଗ ନେଇଥିଲେ। ଆର୍‌ଜି ମହାବିଦ୍ୟାଳୟ ରାସାୟନ ବିଜ୍ଞାନ ବିଭାଗ ଅଧାପକ ରମେଶ ଚନ୍ଦ୍ର ପଣ୍ଡା, ତ୍ରିବେଣୀ ବିଜ୍ଞାନ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ତୁଷାରକାନ୍ତ ବେହେରା ବିଜ୍ଞାନ ପ୍ରକଳ୍ପଗୁଡିକର ବିଚାରକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଆର୍‌ଜି ମହାବିଦ୍ୟାଳୟ ଅଧାପକ ସୁବାଷ ସାହୁ ଓ ଆର୍‌ୟାନ ସ୍କୁଲ ଶିକ୍ଷକ ବିକ୍ରମ ନାୟକ ହସ୍ତକଳା ପ୍ରଦର୍ଶନୀରେ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଜ୍ଞାନ ପ୍ରଦର୍ଶନୀ ବରିଷ୍ଠ ବିଭାଗରେ ଗାୟତ୍ରୀ ବେହେରା ପ୍ରଥମ, ତନିଶା ଦାସ, ମେଗା ସିଂ ଦ୍ୱିତୀୟ ଓ ରୁଦ୍ରାଣୀ ମହାରଣା ତୃତୀୟ ହୋଇଥିଲେ। କନିଷ୍ଠ ବିଭାଗରେ ସାଇ ଶୁଭମ୍, ଅତୁଲ ସାହୁ ଓ ପି. ଅନିତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସହକନିଷ୍ଠ ବିଭାଗରେ ସୌମ୍ୟଜିତ ଚୌଧୁରୀ, ପ୍ରଜ୍ଞାଶ୍ରୀ ଦାସ ଓ ରାମ ଚରଣ ଦୋରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।



ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

## ଟ୍ରକ ବାଇକ ଧକ୍କା, ଜଣେ ଗୁରୁତର

ବାଲିଗୁଡ଼ା,୧୪।୧୧(ଡି.ଏନ୍.ଏ.)–

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବାରଖମା ନିକଟରେ ବୁଧବାର ଟ୍ରକ ଓ ବାଇକ ଧକ୍କାରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଖରିଆର ଗ୍ରାମର ଲକ୍ଷ୍ମୀ ଅଗ୍ରୱାଲ। ଖରିଆରରୁ ୨ଜଣ ଯୁବକ ବାଇକ୍ ଯୋଗେ ବାଲିଗୁଡ଼ାକୁ ଆସୁଥିବା ବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଲକ୍ଷ୍ମୀ ଗୁରୁତର ହୋଇଥିଲେ।

# ଜଗନ୍ନାଥ ଯାତ୍ରୀ ଟିକେଟ ସେବା କେନ୍ଦ୍ର ଉଦ୍‌ଘାଟିତ

ରାୟଗଡା ଅଫିସ୍, ୧୪।୧୧–

ରାୟଗଡା ଜିଲାବାସୀଙ୍କୁ ରେଲସେବାର ନିକଟବର୍ତ୍ତୀ କରିବା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷର ଜଗନ୍ନାଥ ଯାତ୍ରୀ ଟିକେଟ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ଆଲୁମିନାର ସହ ଉପସଭାପତି ରାକେଶ ମିଶ୍ର ଆନୁଷ୍ଠାନିକ ଭାବେ ରେଳ ଟିକେଟ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ସହରର ରାଜଭବନ ହୋଟେଲ ନିକଟରେ ରେଳ ଯାତ୍ରୀମାନେ ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ସୁଲଭ ମୂଲ୍ୟରେ ସଂରକ୍ଷିତ ଓ ଅଣସଂରକ୍ଷିତ ଟ୍ରେନ ଟିକେଟ ପାଇପାରିବେ। ରାୟଗଡା ସହରର ରାଜଭବନ ହୋଟେଲ ନିକଟରେ ଏହି ଉଦ୍‌ଘାଟନୀ ଉତ୍ସବରେ ଜଗନ୍ନାଥ ଯାତ୍ରୀ ଟିକେଟ ସେବା କେନ୍ଦ୍ରର ମୁଖଲିଙ୍ଗ ପାଢ଼ୀ, ଦେବଗିରି ପାଢ଼ୀ ଓ ନିରଞ୍ଜନ ପାଢ଼ୀଙ୍କ ସମେତ ଜେକେ କାଗଜକଳର ପରିଚାଳକ ଏନ୍.କେ ଜୈନ, ଶୈଳେନ୍ଦ୍ର ସାମନ୍ତରାୟ, ଇମ୍ଫା କାରଖାନାର ଶକ୍ତି ପାଣିଗ୍ରାହୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅମୂଲ୍ୟ ରତ୍ନ ସାହୁ ଓ ମଣ୍ଟୁ ପାଢ଼ୀ ପରିଚାଳନା କରିଥିଲେ। ଭାରତୀୟ ରେଳ ସେବା ପକ୍ଷରୁ ରାୟଗଡା ସମେତ ଜିଲାର ଗୁଣପୁର, ଗଜପତି ଜିଲାର ପାରଳାଖେମୁଣ୍ଡିରେ ଓ କୋରାପୁଟ ଜିଲାର ଜୟପୁର ସହରରେ ମଧ୍ୟ ଏହି ସେବା ଗ୍ରାହକମାନଙ୍କ ସୁବିଧା ପାଇଁ ଉପଲବ୍ଧ କରାଯିବ ବୋଲି କୁହାଯାଇଛି।


ଉତ୍କଳ ଆଲୁମିନାର ସହ ଉପସଭାପତି ରେଳ ଟିକେଟ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

# ବିଡିଓଙ୍କ ବଦଳି ଦାବିରେ ଆନ୍ଦୋଳନ

ପାରଳାଖେମୁଣ୍ଡି, ୧୪।୧୧(ସ୍ୱ.ପ୍ର.)

ନୂଆଗଡ ବିଡିଓଙ୍କ ବଦଳି ଦାବିରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ସେମାନେ ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଡିଓ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତି ରହି ଉନ୍ନୟନ କାମକୁ ଆଗେଇବାରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସେହିପରି ତିତ୍‌ଲି ବାତ୍ୟାରେ ବ୍ଲକରେ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ସଠିକ ବିବରଣୀ ପ୍ରସ୍ତୁତ କରାଯାଇନାହିଁ ଏବଂ ବିପନ୍ନଙ୍କ ପାଖରେ ପର୍ଯ୍ୟାପ୍ତ କ୍ଷତିପୂରଣ ପହଞ୍ଚିନାହିଁ ବୋଲି ଅଭିଯୋଗ ଅଣାଯାଇଛି। ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯିବା ପରେ ଆନ୍ଦୋଳନ ହଟିଥିଲା। ଅନ୍ୟପକ୍ଷେ ଏଭଳି ଅଭିଯୋଗକୁ ବିଡିଓ କ୍ଷୀରାବ୍ଧି ବେହେରା ଖଣ୍ଡନ କରିଛନ୍ତି।


ବ୍ଲକ ଅଫିସ ସମ୍ମୁଖରେ ଅଞ୍ଚଳବାସୀ ଧାରଣା ଦେଇଛନ୍ତି।